**ସଂକ୍ଷେପରେ**

## ବୋହୂ ମାଡ଼ରେ ଶାଶୁ ଗୁରୁତର

ବାସୁଦେବପୁର,୧୯।୫ (ନାରାୟଣ ପ୍ରସାଦ ବାରିକ୍)-ବାସୁଦେବପୁର ବ୍ଲକ ଅଧୀନ ଖରିଦା ବିନାୟକପୁର ପଞ୍ଚାୟତର ବାଗଦା ବିନାୟକପୁର ଗ୍ରାମରେ ରବିବାର ବୋହୂ ମାଡ଼ରେ ବୃଦ୍ଧା ଶାଶୁ ଗୁରୁତର ନେଇ ଅଭିଯୋଗ ହୋଇଛି। ଗୁରୁତର ବୃଦ୍ଧା ହେଲେ ରବିମଣି ପଣ୍ଡା(୭୦)। ଗ୍ରାମବାସୀ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏହି ଘଟଣାରେ ଆକ୍ରମଣକାରୀ ବୋହୂଙ୍କୁ ବାସୁଦେବପୁର ଥାନା ପୋଲିସ ଅଟକ ରଖିଛି। ଶାଶୁଙ୍କୁ ବୋହୂ ଆକ୍ରମଣ କରୁଥିବାର ଭିଡିଓ ଭାଇରାଲ ହେବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଘଟଣାସ୍ଥଳକୁ ଯାଇଥିଲେ। ରବିମଣିଙ୍କ ହାତଗୋଡ଼ ଓ ଦେହରେ ପ୍ରବଳ ମାଡ଼ ଚିହ୍ନ ଦେଖିବାକୁ ମିଳିଥିଲା। ୪/୫ ଦିନ ତଳେ ବୋହୂ ମାଡ଼ ମାରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଘରୋଇ ମନୋମାଳିନ୍ୟ କାରଣରୁ ବୋହୂ ତାଙ୍କୁ ମାଡ଼ ମାରିଥିବା ରବିମଣି କହିଛନ୍ତି।

## ଜଳିଗଲା ୨ ବଖରା

### ନିଆଁ ଲିଭାଇବା ବେଳେ ୨ ଆହତ

ବାସୁଦେବପୁର,୧୯।୫ (ନାରାୟଣ ପ୍ରସାଦ ବାରିକ୍)-ବାସୁଦେବପୁର ପୌରପାଳିକା ସୁରେଶ୍ୱରପୁର ଗ୍ରାମର ୮ ନଂ. ୱାର୍ଡରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଶାନ୍ତିଲତା ବେହେରାଙ୍କ ୨ ବଖରା ଘର ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ଶାନ୍ତିଲତାଙ୍କ ପରିବାର ସର୍ବସ୍ୱାନ୍ତ ହୋଇପଡ଼ିଛନ୍ତି। ଲକ୍ଷାଧିକ ଟଙ୍କାର ଘରୋଇ ଉପକରଣ ଓ ଆସବାବପତ୍ର ପୋଡ଼ିଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଶାନ୍ତିଲତାଙ୍କ ଗୋଡ଼ରେ ନିଆଁ ପଡ଼ି ପୋଡ଼ିଯାଇଛି। ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବା ଅଲେଖ ମଲିକ ନାମ୍ନୀ ଯୁବକ ମଧ୍ୟ ଆହତ ହୋଇଛନ୍ତି। ଆହତଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇଛି।

## ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ମୋରଡ଼ା, ୧୯।୫ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ୍ ମୋରଡ଼ା ବ୍ଲକ ଅଧୀନ ସୁରେଇଡିହି ପଞ୍ଚାୟତ ନାହାଶୋଳ ଗ୍ରାମର ପାଞ୍ଜୁ ମୁର୍ମୁ ନାମକ ବୃଦ୍ଧ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ରବିବାର ସକାଳେ ପାଞ୍ଜୁ ସ୍ଥାନୀୟ ପଡ଼ିଆକୁ ଶୌଚ ପାଇଁ ଯାଇଥିବା ବେଳେ ଏକ ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଖବରପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଥିଲେ।

# ଅବଧିର ୫ ବର୍ଷ ପରେ ବି ସରୁନି ବିଜୁ ସେତୁ କାମ

■ ବଢୁଛି ଜନ ଅସନ୍ତୋଷ
■ ଉଚିତ ମୂଲ୍ୟ ପାଇ ପାରୁନାହାନ୍ତି ଜମି ହରାଇଥିବା ମାଲିକ

ବ୍ରହ୍ମବରଦା,୧୯।୫ (ଯଯାତି କେଶରୀ ବେହେରା):

ବ୍ରହ୍ମବରଦା-ଖାଲପଡ଼ା ବିଜୁ ସେତୁ କାମ ଅବଧିର ୫ ବର୍ଷ ପରେ ସରି ପାରୁନାହିଁ। ଫଳରେ ଲୋକେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଦୀରେ ମୋଟ୍ ୮ ପିଲାର ହେବାକୁ ଥିବା ବେଳେ ଏଯାଏ ୭ ପିଲାର କାମ ସରିଛି। ଅନ୍ୟ ଗୋଟିଏ ପିଲର କାମ ବିଳମ୍ବ ହେଉଥିବା ସମ୍ପୃକ୍ତ ଠିକା ସଂସ୍ଥା ପକ୍ଷରୁ ସଫେଇ ଦିଆଯାଇଛି। ବର୍ତ୍ତମାନ ସମୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ କାମ କରାଯାଇପରନ୍ତା। କିନ୍ତୁ ତାହା କରାଯାଉ ନାହିଁ। ଫଳରେ ଏହି ସେତୁକୁ ନେଇ ଜନ ଅସନ୍ତୋଷ ବଢିବାରେ ଲାଗିଛି।

ଗ୍ରାମ୍ୟ ଉନ୍ନୟନ ସଦର ଡିଭିଜନ ଏହି ସେତୁ ନିର୍ମାଣ କାର୍ଯ୍ୟ ତୁଲାଉଛି। ୧୦ କୋଟି ୪୨ଲକ୍ଷ ୩୯ ହଜାର୨୭୦ ଟଙ୍କା ବ୍ୟୟ ବରାଦରେ ୨୪।୧୨।୨୦୧୬ରୁ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା। ୨୫।୦୫।୨୦୧୯ରେ କାର୍ଯ୍ୟ ଶେଷ ହେବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ତାହା ହୋଇ ପାରିନାହିଁ।

ଅନ୍ୟପକ୍ଷରେ ପୋଲ ପାଇଁ ବ୍ରହ୍ମବରଦା ପଟରୁ ଜମି ହରାଇଥିବା ମାଲିକମାନେ ଏପର୍ଯ୍ୟନ୍ତ ଜମିର ଉଚିତ ମୂଲ୍ୟ ପାଇ ପାରୁନାହାନ୍ତି। ଫଳରେ ସେମାନେ ବିଭିନ୍ନ ସମୟରେ ସେତୁ ନିର୍ମାଣ କାର୍ଯ୍ୟ ବନ୍ଦ କରାଉଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି। ବ୍ରହ୍ମବରଦା ଏକ ବ୍ୟବସାୟୀକ ପେଣ୍ଠସ୍ଥଳ ହୋଇଥିବାରୁ ଯାଜପୁର ବ୍ଲକ୍‌ର ଖାଲପଡ଼ା, ରୁଦ୍ରପୁର, ସୁଜନପୁର, ସାହାସପୁର ଏବଂ ବରୀ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବ୍ରହ୍ମବରଦା ଉପରେ ନିର୍ଭର କରିଥାନ୍ତି। ହେଲେ ପୋଲ ନ ଥିବାରୁ ଲୋକେ ଖରା ଦିନରେ ବାଉଁଶ ପୋଲ ଉପରେ ନିର୍ଭର କରୁଥିବାବେଳେ ବର୍ଷା ଦିନରେ ହୁଲି ଡଙ୍ଗାକୁ ଭରସା କରୁଛନ୍ତି। କେଉଁଦିନ ନିର୍ମାଣ କାର୍ଯ୍ୟ ସମାପ୍ତ ହେବ ଓ ସୁରୁଖୁରୁରେ ଲୋକେ ଯାତାୟତ କରିବେ ତାହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ସେତୁକୁ ନେଇ ରାଜନୀତି ଜୋର ଧରିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ସେତୁ କାର୍ଯ୍ୟ ଶେଷ କରିବାକୁ ଦାବି ହୋଇଛି।


ବ୍ରହ୍ମବରଦା-ଖାଲପଡ଼ା ବିଜୁ ସେତୁ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି।

# ଆଜି ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'

ଭୁବନେଶ୍ୱର,୧୯।୫(ସତ୍ୟଜିତ୍ ରାଉତ):

ସୋମବାର ରାଜଧାନୀ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରୋଡ ଶୋ' କରିବେ। ଏହି ରୋଡ ଶୋ' ଅପରାହ୍ନ ପ୍ରାୟ ୪ଟାରୁ ପଳାଶପଲ୍ଲୀ ପୁନାମା ଗେଟ୍ ଫ୍ଲାଏ ଓଭରବ୍ରିଜ୍‌ଠାରୁ ଆରମ୍ଭ ହୋଇ ବିଡିଏ କଲୋନୀ ଛକ, ସୁନ୍ଦରପଦା ହାଟ, ପୋଖରୀପୁଟ ଛକ, ପ୍ରମେୟ ଛକ, ଶିରିପୁର ଛକ, ଗଙ୍ଗନଗର ଛକ, ରାଜେନ୍ଦ୍ର ବିହାର ଦେଇ ଏକାମ୍ର ଛକ ପର୍ଯ୍ୟନ୍ତ ଯିବ। ଲୋକଙ୍କ ସମ୍ଭାବ୍ୟ ସମାଗମକୁ ଦୃଷ୍ଟିରେ କମିଶନରେଟ୍ ପୋଲିସ ପକ୍ଷରୁ ଏନେଇ ଟ୍ରାଫିକ୍ ନିର୍ଦ୍ଦେଶାବଳି ଜାରି କରାଯାଇଛି। ରୋଡ ଶୋ' ଆରମ୍ଭ ସମୟରୁ ଏହି

### ଟ୍ରାଫିକ୍ ନିର୍ଦ୍ଦେଶାବଳି ଜାରି

ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିବ। କୌଣସି ଗାଡ଼ି ଖଣ୍ଡଗିରି ଛକ ପାର୍ଶ୍ୱରୁ ଜାଗମରା ଛକ ଆଡ଼କୁ ଏବଂ ଡେଲ୍‌ଟା ଛକ ପାର୍ଶ୍ୱରୁ ସିଟି ୱମେନ୍ସ କଲେଜ ଆଡ଼କୁ ଯାଇପାରିବ ନାହିଁ। ଏପରିକି ଉକ୍ତ ରାସ୍ତାକୁ ସଂଯୋଗ କରୁଥିବା ସମସ୍ତ ଗଳି ରାସ୍ତାରୁ କୌଣସି ଯାନବାହାନ ରୋଡ୍ ଶୋ' ରାସ୍ତାକୁ ଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ତେବେ ରୋଡ୍ ଶୋ ହେବାକୁ ଥିବା ରାସ୍ତାରେ ନ ଯାଇ ଅନ୍ୟ ରାସ୍ତାରେ ଯାତାୟାତ କରିବାକୁ କମିଶନରେଟ୍ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# ବାଲି ବୋଝେଇ ଟ୍ରାକ୍ଟର ଜବତ

ମୋରଡ଼ା,୧୯।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ତହସିଲ ଅଞ୍ଚଳରେ ଦୈନିକ ବାଲି ଚୋରାଚାଲାଣ ହେଉଛି। ରବିବାର ମୋରଡ଼ା ପୋଲିସ ଏକ ବେଆଇନ ବାଲି ଟ୍ରାକ୍ଟରକୁ ଜବତ କରିଛି। ଠେଙ୍ଗାଡାଣ୍ଡି ଘାଟରୁ ବାଲି ଉତ୍ତୋଳନ ହୋଇ ଏକ ଟ୍ରାକ୍ଟରରେ(ଓଡି୧୧ଏକ୍ସ-୭୦୧୭) ଚୋରାଚାଲାଣ ହେଉଥିବା ବେଳେ ଭୋଲଘାଟି-ମୋହନପୁର ରାସ୍ତାରେ ମୋରଡ଼ା ଥାନା ଏସ୍‌ଆଇ ବିଦ୍ୟାଧର ବେହେରା ଓ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ପହଞ୍ଚି ଉକ୍ତ ଟ୍ରାକ୍ଟରକୁ ଜବତ କରିଥିଲେ। ଏ ନେଇ ଏକ ମାମଲା(ନଂ.୧୪୯/୨୫) ରୁଜୁ ହୋଇଥିବା ବେଳେ ଡ୍ରାଇଭର ଲକ୍ଷ୍ମଣ ଟୁଡୁଙ୍କୁ ଗିରଫ କରାଯାଇଛି।

# ବିଜୁ ଯୁବ ଛାତ୍ର ଜନତା ଦଳର ବନ୍ଧୁମିଳନ


ନେତାଙ୍କ ସହ ବିଜୁ ଯୁବ ଛାତ୍ର ଜନତା ଦଳର କର୍ମୀମାନେ।

ଚଣ୍ଡିଖୋଲ/ବଡ଼ଚଣା,୧୯।୫(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):

ବଡ଼ଚଣା ନିର୍ବାଚନମଣ୍ଡଳୀ ଅଧୀନ ସମିଆଠାରେ ୧୬ନଂ. ଜୋନ ବିଜୁ ଯୁବ ଛାତ୍ର ଜନତା ଦଳର ବନ୍ଧୁମିଳନ ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ହେବାକୁ ଥିବା ବିଶାଳ ଯୁବ ଛାତ୍ର ସମାବେଶ ପାଇଁ ଏହି ବୈଠକ ଆୟୋଜନ କରାଯାଇଥିଲା। ଛାତ୍ର ସଭାପତି ତଥା ୧୬ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବଡ଼ଚଣା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଓ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ଯଶୋଦୀପ୍ତ ସାମଲ, ସତ୍ୟପ୍ରକାଶ ଦାସ, ଯୁଗଳ ଖିଲାର, ପ୍ରଦୀପ୍ତ କୁମାର ମହାନ୍ତି, ସରପଞ୍ଚ ନବଦୀପ ନାୟକ, ବିବେକ ରଞ୍ଜନ ସୁବୁଦ୍ଧି ଓ ସଞ୍ଜୀବ ସାମଲ ପ୍ରମୁଖ ଯୋଗଦେଇ ଯୁବକମାନେ ଆଗାମୀ ଦିନରେ ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶାଳପଡ଼ା ପଞ୍ଚାୟତର ବହୁ ଭାଜପା କର୍ମକର୍ତ୍ତା ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦାନ କରିଥିଲେ। ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ସମିତିସଭ୍ୟ ସଞ୍ଜୟ ବେହେରା, ଦିଲୀପ ନାୟକ, ଲିକୁ ଦାସ, ଅଜୟ ବେହେରା, ଜୟନ୍ତ ରାଉତ, ବିଶ୍ୱଜିତ ବିଶ୍ୱାଳ, ସ୍ନେହାଶିଷ ମହାପାତ୍ର, ଅଜିତ ରାଉତ, ଶ୍ରୀକାନ୍ତ ବେହେରା, ସରୋଜ ନାୟକ, ବିଜୟ ସ୍ୱାଇଁ, ମହାଦେବ ପ୍ରସାଦ ପଣ୍ଡା, ଘନଶ୍ୟାମ ସାମଲ, ଅମିତ ମହାପାତ୍ର, ମନୋଜ ମାହାଲା, ଅମର ନାୟକ ଓ ସୁଶାନ୍ତ ବାହାଲିଆଙ୍କ ସମେତ ୫୦୦ରୁ ଊର୍ଦ୍ଧ୍ୱ ଯୁବକ ଏବଂ ଛାତ୍ର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମହିଳାଙ୍କୁ ସୁରକ୍ଷା ଦେଉଛି 'ହର୍' ଟିମ୍
## ୨ ମାସରେ ୧୨୦ ରୋଡ୍ ରୋମିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୯।୫(ସତ୍ୟଜିତ୍ ରାଉତ):

ରାଜଧାନୀରେ ମହିଳା ଓ ଯୁବତୀଙ୍କ ସୁରକ୍ଷା ଦିଗରେ କାମ କରୁଛି କମିଶନରେଟ୍ ପୋଲିସର ହାଇ ଏଫିସିଏନ୍ସି ରେସ୍‌ପନ୍ସ ଟିମ୍ 'ହର୍'। ଗତ ୨ମାସ ହେଲା ଏହି ଟିମ୍ ଭୁବନେଶ୍ୱରର ବିଭିନ୍ନ ସ୍ଥାନକୁ ଯାଇ ରୋଡ୍ ରୋମିଓଙ୍କୁ ଧରୁଛି। ମହିଳା ଓ ଯୁବତୀଙ୍କୁ ଯାତାୟତ ସମୟରେ ଦୁର୍ବ୍ୟବହାର, ଅସଦାଚରଣ ଓ କମେଣ୍ଟ୍ ମାରୁଥିବା ୧୨୦ ରୋଡ୍ ରୋମିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ରବିବାର ସୂଚନା ଦିଆଯାଇଛି। ୧୪ ଜିଣିଆ ଟିମ୍ ଏଯାଏ ବିଭିନ୍ନ ସ୍ଥାନକୁ ଯାଇ ୩ ହଜାର ମହିଳା ଓ ଯୁବତୀଙ୍କୁ ସଚେତନ କରିଛି। ତେବେ କର୍ମକ୍ଷେତ୍ର କିମ୍ବା ଅନ୍ୟ କୌଣସି ସ୍ଥାନରେ ଅସାମାଜିକ ଯୁବକଙ୍କ ଦ୍ୱାରା ହଇରାଣ ହେଲେ ଭୟମୁକ୍ତ ହୋଇ ଅଭିଯୋଗ କରିବାକୁ ସୂଚନା ଦିଆଯାଇଛି। ଏଥିସହ ହର୍ ଟିମ୍ ବିଭିନ୍ନ ସ୍ଥାନରେ ପୋଷ୍ଟର ମାରିବା ସହ କାର୍ଯ୍ୟକ୍ରମ କରି ମହିଳା ଓ ଯୁବତୀମାନଙ୍କୁ ସଚେତନ କରାଉଛି। ଏହି ଟିମ୍‌କୁ ଯୋଗାଯୋଗ ପାଇଁ ଟୋଲ୍ ଫ୍ରି ନମ୍ବର ନଂ. ୬୩୭୨୫୦୦୪୦୦ କିମ୍ବା ୧୧୨କୁ କଲ୍ କରି ଅଭିଯୋଗ କରିବାକୁ ସୂଚନା ଦିଆଯାଇଛି। ଅଭିଯୋଗ ଆସିବା ପରେ ହର୍‌ଟିମ୍ ଘଟଣାସ୍ଥଳକୁ ଯାଇ ଅସାମାଜିକ ଯୁବକଙ୍କୁ କାବୁ କରି ସ୍ଥାନୀୟ ଥାନାକୁ ହସ୍ତାନ୍ତର କରୁଛି।

# ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ସମ୍ମିଳନୀ


ସମ୍ମିଳନୀରେ ଯୋଗଦେଇଥିବା ଭାଜପା କର୍ମକର୍ତ୍ତା।

ଚଣ୍ଡିଖୋଲ,୧୯।୫(ପ୍ରଦୀପ୍ତ କୁମାର ପୃଷ୍ଟି):

### ବିଧାୟକ ପ୍ରାର୍ଥୀଙ୍କୁ ନେଇ ଅସନ୍ତୋଷ

ବଡ଼ଚଣା ବିଧାନସଭା ନିର୍ବାଚନମଣ୍ଡଳୀର ପୁରୁଖା ଓ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଗଜେନ୍ଦ୍ରପୁର ଶନିଘାଟଠାରେ ଏକ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ପ୍ରାର୍ଥୀ ପରିକ୍ଷିତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇ ବର୍ତ୍ତମାନର ଭାଜପା ବିଧାୟକ ପ୍ରାର୍ଥୀ ଅମର ନାୟକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ୨୦ ବର୍ଷ ହେବ ଦଳରେ ରହି କାର୍ଯ୍ୟ କରି ଆସୁଛନ୍ତି। ୨୦୧୯ ନିର୍ବାଚନରେ ଭାଜପା ଅମର ନାୟକଙ୍କୁ ପ୍ରାର୍ଥୀ କରିଥିଲା। ସେତେବେଳେ ସେ ପୁରୁଖା ଓ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରିଥିଲେ। ସେଥିପାଇଁ ଗତ ନିର୍ବାଚନରେ ପରାଜୟ ବରଣ କରିଥିଲେ। ଏଠାରେ ଅନ୍ୟ ଦଳରୁ ଆସିଥିବା ବ୍ୟକ୍ତିଙ୍କୁ ଗୁରୁତ୍ୱ ପ୍ରଦାନ କରୁଥିଲାବେଳେ ପୁରୁଖା କାର୍ଯ୍ୟକର୍ତ୍ତାଙ୍କୁ ଅଣଦେଖା କରାଯାଉଛି। ଏଥିନେଇ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସେମାନେ ଲିଖିତ ଭାବେ ଜଣାଇବେ। ଯଦି କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ବୈଠକରେ ପୂର୍ବତନ ବ୍ଲକ ସଭାପତି ନୀଳମଣି ବଳ, ପୂର୍ବତନ ଯୁବମୋର୍ଚ୍ଚା ସଭାପତି ରଞ୍ଜିତ କୁମାର ବଳ, ପୂର୍ବତନ ବିସ୍ତାରକ ସିତାନ୍ସୁ ସାମଲ, ଅନିଲ କୁମାର ବଳ, ଉତ୍ତମ ମହାପାତ୍ର, କେଦାର ସାହୁ, ପରମାନନ୍ଦ ମହାନ୍ତି, ଅକ୍ଷୟ କୁମାର ବଳ, ରଶ୍ମିରଞ୍ଜନ ରାଉତ, ଅଜୟ କୁମାର ବଳ, ଅଞ୍ଜନ ଜେନା ଓ କିଶୋର ସାହୁ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇ ସେମାନଙ୍କ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକର୍ତ୍ତାଙ୍କ ଅଭିଯୋଗ ଉପରେ ବିଧାୟକ ପ୍ରାର୍ଥୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# କୁଆଖିଆରେ ବିଜେଡି ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ରସୁଲପୁର,୧୯।୫(ରଞ୍ଜିତ ରାଉତ):

କୋରେଇ ନିର୍ବାଚନମଣ୍ଡଳୀରେ ରସୁଲପୁର ବ୍ଲକରୁ ସାମିଲ ହୋଇଥିବା ୯ ପଞ୍ଚାୟତ ପାଇଁ କୁଆଖିଆ ବଜାରଠାରେ ବିଜେଡିର ଏକ ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ବଜାରର ଟ୍ରକେର ଷ୍ଟାଣ୍ଡଠାରେ ପଞ୍ଚାୟତସ୍ତରୀୟ ନେତା ଓ କର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନାରାୟଣ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଜେଡି ନେତା ଭବ ପ୍ରକାଶ ଦାସ ଯୋଗଦେଇ ସମସ୍ତେ ଏକଜୁଟ ହୋଇ ଦଳ ପାଇଁ କାର୍ଯ୍ୟ କରିବା ସହ ବିଧାୟିକା ପ୍ରାର୍ଥୀ ସନ୍ଧ୍ୟାରାଣୀ ଦାସ, ଯାଜପୁର ସାଂସଦ ପ୍ରାର୍ଥୀ ଶର୍ମିଷ୍ଠା ସେଠୀଙ୍କୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ କରିବାକୁ ନିବେଦନ କରିଥିଲେ। ସମ୍ମାନିତ ଅତିଥିଭାବେ ବିଜେଡି ନେତା ବିଶ୍ୱଜିତ୍ ନାୟକ, ସୁରେନ୍ଦ୍ର ପଣ୍ଡା, ଜିଲାପରିଷଦ ସଦସ୍ୟ ଶିଶିର ମହାନ୍ତି, ବନମାଳୀ ରଥ ଓ ଅଲେଖ ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ୯ ପଞ୍ଚାୟତର ଜନ ପ୍ରତିନିଧି, ଛାମୁଆ କର୍ମୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଗାମୀ ଦିନରେ କୁଆଖିଆ ଠାରେ ବିଜେଡି ପକ୍ଷରୁ ଏକ ସାଧାରଣ ସଭା ହେବ ବୋଲି ଆଲୋଚନା ହୋଇଥିଲା। ଉକ୍ତ ସଭାକୁ ସଫଳ କରିବା ସହ ଏଥିରେ ସବୁ ବର୍ଗ ଲୋକଙ୍କୁ ସାମିଲ କରିବା ପାଇଁ ଯୋଜନା କରିବାକୁ ପଞ୍ଚାୟତସ୍ତରର ନେତାମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଯୁବନେତା ବିଜୟ ଦାସ ଧନ୍ୟବଦ ଦେଇଥିଲେ।


ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# 'ସମ୍ପୃକ୍ତି, ପ୍ରୋତ୍ସାହନ ସାହିତ୍ୟକୁ ବିଦଗ୍ଧ କରାଏ'

**ଗୋକର୍ଣ୍ଣିକା ପକ୍ଷରୁ ବୈଶାଖୀ କବିତା ପାଠ, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପର୍ବ**

ଧର୍ମଶାଳା,୧୯।୫(ବଟକୃଷ୍ଣ ପରିଡ଼ା):

ଧର୍ମଶାଳାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଜାରକା ହାଇସ୍କୁଲସ୍ଥିତ ଆମ ପାଠାଗାର ପରିସରରେ ବୈଶାଖୀ କବିତା ପାଠ, ପୁସ୍ତକ ଲୋକାର୍ପଣ ଓ ସମ୍ବର୍ଦ୍ଧନା ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ଗୌତମ ଜେନା ଯୋଗଦେଇ ସମ୍ପୃକ୍ତି ଓ ପ୍ରୋତ୍ସାହନ ସାହିତ୍ୟକୁ ବିଦଗ୍ଧ କରାଏ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ଡା. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନେକ ନୂତନ ଲେଖକଙ୍କୁ ପ୍ରୋତ୍ସାହନ ଦେଇଆସିଛି ଓ ଧର୍ମଶାଳା ମାଟି ହେଉଛି ସାହିତ୍ୟ ସଂସ୍କୃତିର ମାଟି ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ କବି ଦେବାଶିଷ ଚକ୍ରବର୍ତ୍ତୀ ଯୋଗଦେଇ ବର୍ତ୍ତମାନର ଜଞ୍ଜାଳଗ୍ରସ୍ତ ଜୀବନରେ କବିତା ହିଁ ଏକ ସାନ୍ତ୍ୱନା ବୋଲି ମତପ୍ରକାଶ କରିଥିଲେ। ସମ୍ପାଦକ ମହେଶ୍ୱର ପାଢ଼ୀ ସୂଚନା ପ୍ରଦାନ କରିଥିବାବେଳେ ଅଭ୍ୟର୍ଥନା ସମିତି ସମ୍ପାଦକ ହୃଷୀକେଶ ସାମଲ ମଞ୍ଚ ଆମନ୍ତ୍ରଣ କରିଥିଲେ। ଉପସଭାପତି ଡ. ତୁହିନାଂଶୁ ରଥ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବ୍ରଜକିଶୋର ଦାଶ ବେଦପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ କବି ଚିତ୍ତରଞ୍ଜନ ମିଶ୍ରଙ୍କୁ ଗୋକର୍ଣ୍ଣିକା କବିତା ସମ୍ମାନ, ଡ. ଇନ୍ଦୁପ୍ରଭା ସାମଲଙ୍କୁ ଗୋକର୍ଣ୍ଣିକା ପ୍ରବନ୍ଧ ସମ୍ମାନ, କଥାକାର ଚନ୍ଦ୍ର ମୋହନ ମହାପାତ୍ରଙ୍କୁ ଗୋକର୍ଣ୍ଣିକା କଥାକାର ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କବି ହରିହର ପାତ୍ରଙ୍କ କବିତା ପୁସ୍ତକ ମାମୁଁଘରେ ଜହ୍ନଦେଖା ଲୋକାର୍ପଣ କରାଯାଇଥିଲା। ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ସଭାପତିତ୍ୱ କରିଥିଲେ। ଅତିଥିଭାବେ କବି ପିନାକୀ ମିଶ୍ର ଓ କବି ପ୍ରସନ୍ନ ସ୍ୱାଇଁ ଯୋଗଦେଇ ଓଡ଼ିଆ କବିତାର ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। କବୟିତ୍ରୀ ପ୍ରେମଲତା ମହାରଣା ଓ କବୟିତ୍ରୀ ମହାପାତ୍ର ବନ୍ଦନା ସାମଲଙ୍କ ସଂଯୋଜନାରେ ୮୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ଅଭ୍ୟର୍ଥନା ସମିତି ସଭାପତି ନରେନ୍ଦ୍ର କୁମାର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ବିଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଅବାଧରେ ଚାଲିଛି ବାଲି,ମାଟି ଚୋରା ଚାଲାଣ

ପଟ୍ଟାମୁଣ୍ଡାଇ,୧୯।୫(କଳ୍ପତରୁ ନାୟକ)


ବ୍ରାହ୍ମଣୀ ନଦୀରୁ ବାଲି ଚାଲାଣ କରାଯାଉଛି।

■ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ବାଲିଘାଟ ନିୟନ୍ତ୍ରଣ

■ହାଇକୋର୍ଟ ଓ ଏନ୍‌ଜିଟିର ନିର୍ଦ୍ଦେଶକୁ ଉଲ୍ଲଂଘନ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ସୁଯୋଗରେ ଅନେକ କୋଟି ଟଙ୍କାର ଖଣିଜ ସମ୍ପଦ ଲୁଟ୍ ହେବାରେ ଲାଗିଛି। ପ୍ରଶାସନିକ ଅଧିକାରୀଙ୍କ ଜାଣତରେ ରାଜ୍ୟ ସରକାର ରାଜସ୍ୱ ହରାଉଛନ୍ତି। ଏଥିରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀଙ୍କ ହାତ ରହିଛି। ସରକାରୀ ନୀତିନିୟମ ଉଲ୍ଲଂଘନ କରି ବେଆଇନ ବାଲି ଚାଲାଣକାରୀ, ମାଟିଇଟା ବେପାରୀ, ସୁଧ ବେପାରୀ, ଜଙ୍ଗଲରୁ ଗଛ ଚାଲାଣକାରୀ ଓ ସରକାରୀ ଜମି ଜବରଦଖଲକାରୀଙ୍କୁ ସେହି ପ୍ରଭାବଶାଳୀ ବ୍ୟକ୍ତିମାନେ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇର ଲାଇଫ୍ ଲାଇନ ବ୍ରାହ୍ମଣୀ ନଦୀରୁ ପ୍ରତିଦିନ ଶତାଧିକ ହାଇୱା ଗାଡ଼ିରେ ବାଲି, ମାଟି ଚୋରାଚାଲାଣ କରାଯାଉଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ରହିତାଦେଶ ଏବଂ ଓଡ଼ିଶା ହାଇକୋର୍ଟ ସ୍ଥଗିତାଦେଶ ଥିଲେ ସୁଦ୍ଧା ସେହି ବ୍ୟକ୍ତିମାନଙ୍କ ସହଯୋଗରେ ରାତି ଦିନ ବାଲି ଚାଲାଣ ହେଉଛି। ବେଆଇନ ବାଲି ଚାଲାଣ ହେବା ଦ୍ୱାରା ଅନେକ କୋଟି ଟଙ୍କାର ରାଜସ୍ୱ ରାଜ୍ୟ ସରକାର ହରାଉଛନ୍ତି। ବାଲି ଚାଲାଣ ଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତ ପାଇଁ ଉର୍ଦ୍ଦିଷ୍ଟ ରାସ୍ତା ବିପଦସଙ୍କୁଳ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଛି। ଧୂଳି ଉଡ଼ି ଘରଦ୍ୱାରରେ ଜମି ରହୁଛି। ପାଟନାଳିର ପାଣିବାଟ ବନ୍ଦ କରାଯାଇଥିବାରୁ ଚାଷୀ ଚାଷ କରି ପାରୁନାହାନ୍ତି। ନଦୀ ଗତିପଥ ବଦଳାଇ ଚାଷ ଜମି ଓ ଗ୍ରାମ ଆଡକୁ ମାଡ଼ି ଆସୁଛି। ହେଲେ ସାଧାରଣ ଜନତା ଭୟରେ ମୁହଁ ଖୋଲୁ ନାହାନ୍ତି। ଏହି କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ ସେହି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଖଲୋକ ହୋଇଥିବାରୁ ପୋଲିସ, ଜିଲାପ୍ରଶାସନ ଓ ତହସିଲ ପ୍ରଶାସନ ଏଥିପ୍ରତି ନଜର ଦେଉ ନ ଥିବା ଅଭିଯୋଗ ହେଉଛି।

ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବହୁ ମୂଲ୍ୟବାନ୍ ସରକାରୀ ଜମି ବିଶେଷକରି ବେଲତଳ, ଦକ୍ଷିଣଦିଆ, ପଟ୍ଟାମୁଣ୍ଡାଇ ଓ ପୋଖରିଆପଡ଼ା ମୌଜାର ଅନେକ ଜାଗାକୁ କେତେଜଣ ବ୍ୟକ୍ତି ହେରଫେର କରିଛନ୍ତି। ସେମାନେ ସେହି ଜମିକୁ ନିଜ ନାମରେ କରି ବିକ୍ରି କରୁଛନ୍ତି। ଏବାବଦରେ ସ୍ଥାନୀୟ ତହସିଲଦାର ସବୁଜାଣି ମୁହଁ ନ ଖୋଲୁ ନାହାନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନଦୀର ବାଲିଆ ମାଟି ଓ ଗ୍ରାମ୍ୟ ଜଙ୍ଗଲରୁ ବଡ଼ ବଡ଼ ଗଛ କଟାଯାଇ ବେଆଇନ ଭାବେ ଇଟାଭାଟି ଚାଲିଛି। ଏହାର ଧୂଆଁରେ ବୟସ୍କ ଓ ପିଲାମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ହେଲେ ପ୍ରଶାସନ ନୀରବ ରହୁଛି। ଏପରି ବେଆଇନ କାରବାରକୁ ନେଇ ଆପରାଧିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

ଗତ କିଛି ମାସ ହେଲା ବାଲି ଘାଟରେ ୧୪୪ ଧାରା ଲାଗୁ ପରେ ବି ବାଲି ଚାଲାଣ ହେଉଛି। ଖଣି ବିଭାଗ ସବୁ ଜାଣି ଚୁପ୍ ରହୁଛି। ଏହି କାରବାର ପଛରେ ବହୁ ପ୍ରଭାବଶାଳୀଙ୍କ ହାତ ରହିଛି। ଅନ୍ୟପକ୍ଷେ ବାଲି ବେପାରୀଙ୍କ ପାଖଲୋକମାନେ ଗ୍ରାମବାସୀଙ୍କ କବଳରୁ ସୁରକ୍ଷା ଦେଉଛନ୍ତି। ଏଥିପାଇଁ ବେପାରୀ, ପ୍ରଶାସନିକ ଅଧିକାରୀ ଓ ସେହି ଅଞ୍ଚଳର ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିକଟକୁ ମାସକୁ ମାସ ଚାନ୍ଦା ପହଞ୍ଚି ଯାଉଛି ବୋଲି ନିଜ ନାମ ଗୋପନ ରଖି ଜଣେ ଲିଜ୍‌ଧାରୀ କହିଛନ୍ତି। ଏଭଳି ବାଲି ଓ ମାଟି ଚାଲାଣ ଯୋଗୁ ଆମ ଖଣିଜ ସମ୍ପଦ ବିଲୁପ୍ତ ହେଉଛି ବୋଲି ଜିଲା ଓବିସି ସେଲ କଂଗ୍ରେସ ଅଧ୍ୟକ୍ଷ ମଳୟ ଦାସ, ବରିଷ୍ଠ ନେତା ରମାକାନ୍ତ ଦାଶ, ମାନସ ରଞ୍ଜନ ମହାନ୍ତି, ଧନେଶ୍ୱର ଦାସ, ଦିଲୀପ କୁମାର ସେଠୀ, ରବିନାରାୟଣ ମିଶ୍ର, ପ୍ରକାଶ ମହାନ୍ତି, ଜଗନ୍ନାଥ ମଳିକ ପ୍ରମୁଖ କହିଛନ୍ତି। ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଅସହାୟ ବିଧବା ମହିଳାଙ୍କ ଉପରେ ଜୁଲମର ପ୍ରତିବାଦ


ଥାନାରେ ଅଭିଯୋଗ କରିବାକୁ ଆସିଥିବା ମହିଳା।

ରାଜକନିକା,୧୯।୫(ସଞ୍ଜୟ କୁମାର ଦାଶ)

## ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ଗରିବ ଅସହାୟ ବିଧବା ମହିଳାଙ୍କ ଉପରେ ହେଉଥିବା ଜୁଲମ ପ୍ରତିବାଦରେ ଅଖିଳ ଭାରତ ପ୍ରଗତିଶୀଳ ମହିଳା ଆସୋସିଏଶନ ପକ୍ଷରୁ କନିକା ତହସିଲଦାର ଓ ରାଜକନିକା ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୋଲିସ ସେହି ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଛି।

ସୂଚନା ଅନୁଯାୟୀ, କନିକା ତହସିଲ ଅଧୀନ ଆୟତନ ରାଜସ୍ୱ ସର୍କଲ ଖଣ୍ଡେିତା ଗାଁର ସ୍ୱର୍ଗତ ବିଦ୍ୟାଧର ରାଉତଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଜଣେ ଅସହାୟ ବିଧବା ଗରିବ ଭୂମିହୀନ ଗ୍ରୀନକାର୍ଡଧାରୀ। ସେ ଗ୍ରୀନକାର୍ଡ ଧାରୀ ହୋଇଥିବାରୁ ସରକାରଙ୍କ ତରଫରୁ ୧୯୯୦ରେ ତତ୍କାଳୀନ ତହସିଲଦାର ଓ ଆର୍‌ଆଇଙ୍କ ଦ୍ୱାରା ତାଙ୍କୁ ଖଣ୍ଡେିତା ମୌଜାରେ ଏ ୦:୦୮ ଡେସିମିଲି ଜମି ମିଳିଥିଲା। ସେହି ଜମିକୁ ଦଖଲ କରି ସେ ଏକ କଚ୍ଚାଘର ନିର୍ମାଣ କରି ରହି ଆସୁଥିଲେ। ୨୦୧୭ରେ ଉକ୍ତ ଜମିରୁ ଏ ୦:୦୪ ଡେସିମିଲ ଲିଜ ସୂତ୍ରରେ ନେଇ ପଟ୍ଟା ପାଇଛନ୍ତି ଏବଂ ପାଉତି ମଧ୍ୟ କାଟୁଛନ୍ତି। ହେଲେ କୌଣସି କାରଣ ନ ଥାଇ ସେହି ଗାଁର ଜଣେ ବ୍ୟକ୍ତି ଓ ତାଙ୍କ ଭାଇମାନେ ଅନ୍ନପୂର୍ଣ୍ଣାଙ୍କୁ ହଇରାଣ ହରକତ କରୁଛନ୍ତି। ତାଙ୍କ ସହିତ ଗଣ୍ଡଗୋଳ କରି ସେହି ଜମିରୁ ବେଦଖଲ କରିବା, କଞ୍ଚାବାଡ଼କୁ ହାଣି ଦେବା, ଏମିତିକି ଜମିରେ ଥିବା କଚ୍ଚାଘରକୁ ଭାଙ୍ଗିଦେବା ସହ ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ଉକ୍ତ ସଙ୍ଗଠନ ପକ୍ଷରୁ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଓ ଥାନା ଅଧିକାରୀ ଦିଲୀପ କୁମାର ଧଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ୨ଟି ମାମଲା ନ୍ୟାୟାଳୟରେ ବିଚାରଧୀନ ଅଛି ବୋଲି ସୂଚନା ମିଳିଛି। ଅନ୍ନପୂର୍ଣ୍ଣାଙ୍କୁ ନ୍ୟାୟ ସହ ସୁରକ୍ଷା ଯୋଗାଇଦେବା ପାଇଁ ଆସୋସିଏଶନ ରାଜ୍ୟ ସଭାନେତ୍ରୀ ସବିତା ବରଜ, ସମ୍ପାଦିକା ଝରଣା ରାଉତ, ଆଶାଲତା ସାହାଣୀ, ମାନିନୀ ସାହାଣୀ, କୁସୁମଲତା ଜେନା, କବିତା ମହାରଣା, କବିତା ରାଉତ, ଝରଣା ମଲିକ, ସରୋଜିନୀ ବିଶାଳ, ସୁକାନ୍ତୀ ପଡ଼ିହାରୀ ପ୍ରମୁଖ ଦାବି କରିଛନ୍ତି। ନଚେତ୍ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ କହିଛନ୍ତି, ଖୁବଶୀଘ୍ର ତଦନ୍ତ କରି ଉଚିତ ପଦକ୍ଷେପ ନିଆଯିବ। ଥାନାଧିକାରୀ ଦିଲୀପ କୁମାର ଧଳ କହିଛନ୍ତି ମହିଳାଙ୍କ ସୁରକ୍ଷା ପ୍ରତି ପୋଲିସ ଦୃଷ୍ଟି ଦେବ।

# ବିଡିଓଙ୍କ କ୍ୱାର୍ଟର୍ସରୁ ଚୋରି ଅଭିଯୋଗ



ରାଜକନିକା,୧୯।୫(ରବୀନ୍ଦ୍ର କୁମାର ଦାସ)

ଶୁକ୍ରବାର ବିଳମ୍ବିତ ରାତିରେ ରାଜକନିକା ବିଡ଼ିଓ ପୃଥୀରାଜ ପରିଡ଼ାଙ୍କ ସରକାରୀ ବାସଭବନରୁ ଚୋରି ହୋଇଥିବା ବିଡ଼ିଓ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାତିରେ ବିଡ଼ିଓ କନିକା ମେଡିକାଲ ରୋଡ଼ସ୍ଥିତ ନିଜ ସରକାରୀ ବାସଭବନରେ ସପରିବାର ଶୋଇଥିବା ବେଳେ ଘର ପଛପଟ ଝରକା ପଟେ କେହି ହାତ ପୁରାଇ ଟେବୁଲ ଉପରେ ଥିବା ମନିପର୍ସ ନେଇଯାଇଛନ୍ତି । ସେହି ମନିପର୍ସରେ ୧ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ସହିତ ଏଟିଏମ୍, ଆଧାର, ପାନ କାର୍ଡ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଡ ଥିଲା। ଉକ୍ତ କ୍ୱାର୍ଟର୍ସରୁ ଏକାଧିକ ଥର ଚୋରି ହୋଇଥିବା ସେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି।

# ଡେରାବିଶରେ ବୈଜୟନ୍ତଙ୍କ ରୋଡ୍ ଶୋ


ଭାଜପା ପ୍ରାର୍ଥୀମାନେ ରୋଡ୍ ଶୋ' କରୁଛନ୍ତି।

ଡେରାବିଶ,୧୯।୫(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ର ଅଧୀନରେ ଥିବା ପାଟକୁରା ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ରବିବାର ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ୧୨ନଂ. ଜୋନ୍ ଜିଲା ପରିଷଦ ଅଞ୍ଚଳରେ ରୋଡଶୋ ମାଧ୍ୟମରେ ଭାଜପା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ନିଜ ପ୍ରଚାରକୁ ଜୋରଦାର କରିଛନ୍ତି। ଜୁନ୍ ୧ରେ ଅନୁଷ୍ଠିତ ହେବାକୁ ଥିବା ଭୋଟରେ ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବାକୁ ସେ ଭୋଟରମାନଙ୍କୁ ନିବେଦନ କରିଛନ୍ତି।

ରବିବାର ପୂର୍ବାହ୍ଣରେ ଚାଟରାଚକଡା ପଞ୍ଚାୟତର ଫକୀରାବାଦରୁ ଆରମ୍ଭ ହୋଇଥିବା ଏହି ରୋଡ ଶୋ ପଞ୍ଚାୟତର ବିଭିନ୍ନ ଗ୍ରାମ ଦେଇ ଗୋଲରାହାଟ, ବାଲିଆ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ବୈଜୟନ୍ତଙ୍କ ଏହି ଶୋଭାଯାତ୍ରାରେ ପାଟକୁରାର ଦଳୀୟ ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡା ମଧ ସାମିଲ ରହି ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଚଳିତ ନିର୍ବାଚନରେ ଦେଶରେ ଓ ଓଡ଼ିଶାରେ ମୋଦିଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଗଠନ ହେବ ବୋଲି ବୈଜୟନ୍ତ ଦୃଢୋକ୍ତି ପ୍ରକାଶ କରିଥିଲେ। ମୋଦି ଗ୍ୟାରେଣ୍ଟି ମନ୍ତ୍ର ପ୍ରତି ସାଧାରଣ ଲୋକଙ୍କ ଅଧିକ ସମର୍ଥନ ରହିଛି। ଓଡ଼ିଶାର ଜନସାଧାରଣଙ୍କ ପାଇଁ ଆସୁଥିବା କେନ୍ଦ୍ରୀୟ ଯୋଜନା ନବୀନ ସରକାର ବାଟମାରଣା କରୁଥିବା ସେ ଅଭିଯୋଗ କରିଛନ୍ତି। ପାଟକୁରା ତଥା କେନ୍ଦ୍ରାପଡ଼ା ଜିଲାର ସାମଗ୍ରୀକ ବିକାଶ ପାଇଁ ଭାଜପା ପ୍ରାର୍ଥୀମାନଙ୍କୁ ନିର୍ବାଚିତ କରିବାକୁ ବୈଜୟନ୍ତ ଅନୁରୋଧ କରିଛନ୍ତି। ଏହି ଶୋଭାଯାତ୍ରରେ କେନ୍ଦ୍ରାପଡ଼ା ଜିଲା ଭାଜପା ସମ୍ପାଦକ ବ୍ରଜେଶ ରଞ୍ଜନ ନାୟକ, ଜିଲା ସମ୍ପାଦିକା ମନିଷା ପଣ୍ଡାଙ୍କ ସମେତ ଦଳୀୟ କର୍ମକର୍ତ୍ତା ବିକ୍ରମାଦିତ୍ୟ ସାହୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଗିରିଜା ଭୁଷଣ ନାୟକ, ମଣ୍ଡଳ ସଭାପତି କ୍ଷୀରୋଦ ବରାଳ, ବରିଷ୍ଠ ନାରୀନେତ୍ରୀ ପ୍ରମିଳା ସିଂହ, ଚାଟରାଚକଡା ପଞ୍ଚାୟତର ଦଳୀୟ ସଭାନେତ୍ରୀ ପୁଷ୍ପଲତା ସାହୁ, ଗୋଲରାହାଟ ପଞ୍ଚାୟତ ସଭାପତି ବିଶ୍ୱମୋହନ ଦାସ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଦଳୀୟ ସଭାପତି ବିନୋଦ କୁମାର ଭୁୟାଁଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ।

# କଂଗ୍ରେସ ପ୍ରାର୍ଥୀ ଦେବସ୍ମିତା,ସିଦ୍ଧାର୍ଥଙ୍କ ପଦଯାତ୍ରା

ରାଜକନିକା,୧୯।୫
(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ଆଳି ନିର୍ବାଚନମଣ୍ଡଳୀର ରାଜକନିକା ବ୍ଲକ ବରୁଣା ପଞ୍ଚାୟତରେ କଂଗ୍ରେସ ନିଜର ପ୍ରଚାରକୁ ଜୋରଦାର କରିଛି। ବିଧାୟିକା ପ୍ରାର୍ଥୀ ଡାକ୍ତର ଦେବସ୍ମିତା ଶର୍ମା ଓ ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ ଘରକୁ ଘର ବୁଲି ଭୋଟରଙ୍କୁ ଭେଟିବା ସହ ନିଜ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ଆଳି ନିର୍ବାଚନମଣ୍ଡଳୀରେ ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ନେଇ କଂଗ୍ରେସ ପ୍ରାର୍ଥମୀନେ ଭୋଟରମାନଙ୍କୁ ସଚେତନ କରୁଛନ୍ତି। ଏହି ଅବସରରେ ଦେବସ୍ମିତା କହିଛନ୍ତି ସମଗ୍ର ଆଳି ନିର୍ବାଚନମଣ୍ଡଳୀର ବିକାଶ ହିଁ ତାଙ୍କର ଲକ୍ଷ୍ୟ। ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ବ୍ଲକ ସଭାପତି ମଙ୍ଗୁଳି ଚରଣ ବେହେରା, ପଞ୍ଚାୟତ ସଭାପତି ପ୍ରଦୀପ ପଣ୍ଡା, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଗିରିଧାରୀ ସେଠୀ, ରଞ୍ଜିତ ସେଠୀ, ପ୍ରଫୁଲ୍ଲ ଦାସ, ପ୍ରକାଶ ବେହେରା, କାଶୀନାଥ ନାୟକ, ପଞ୍ଚାନନ ପୁହାଣ, ପ୍ରଭାତ ବରାଳ, ରୂପକ ନାୟକ, ଦୁଷ୍ମନ୍ତ ବେହେରା, ପ୍ରମୋଦ ପତି, ୨୮ନଂ. ଜୋନ୍ ସଭାପତି ସତ୍ୟ ପରିଡା, ସମିତି ସଭ୍ୟ ଶରତ ରାଉତ, ସଞ୍ଜୟ ସାହୁ, ଅଞ୍ଜନ ରାଉତ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।


ସମର୍ଥକଙ୍କ ଗହଣରେ ଦେବସ୍ମିତା।

# ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଯୁବ ଛାତ୍ର ସମାବେଶ

ରାଜନଗର,୧୯।୫(ଭାସ୍କର ରାଉତରାୟ)

## ଧ୍ରୁବ,ଅଂଶୁମାନଙ୍କୁ ସମର୍ଥନ ଘୋଷଣା

ରାଜନଗରସ୍ଥିତ କେସି ହାଉସ୍ ପରିସରରେ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଯୁବ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଯୁବକ ଯୋଗଦେଇ ରାଜନଗରରେ ଚାଲିଥିବା ବିକାଶ ପ୍ରକ୍ରିୟାରେ ସାମିଲ ହେବା ସହିତ ରାଜନଗରର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ସମର୍ଥନ ଘୋଷଣା କରିଛନ୍ତି । ଏଥି ସହିତ ରାଜନଗରର ବିକାଶ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିବା ସହ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଭୋଟ ଦେବାକୁ ଭୋଟରମାନଙ୍କୁ ଅନୁରୋଧ କରିବେ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଛି।

ଛାତ୍ର ସୁରକ୍ଷା ମଞ୍ଚର ସାଧାରଣ ସମ୍ପାଦକ ତଥା ଯୁବ ଆଇନଜୀବୀ ଦେବଦତ୍ତ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ଅଧ୍ୟାପକ ସଞ୍ଜୟ କୁମାର ବାଗ ସମାବେଶର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଗତ ୫ ବର୍ଷରେ ରାଜନଗର ନିର୍ବାଚନମଣ୍ଡଳୀରେ ବିକାଶ ପ୍ରକ୍ରିୟା ଚାଲିଛି। ଏହି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ସାହୁଙ୍କୁ ସଙ୍ଗଠନ ସମର୍ଥନ କରିବ ବୋଲି ଘୋଷଣା କରିଛନ୍ତି । ବୈଠକରେ ବିଧାୟକ ପ୍ରାର୍ଥୀ ସାହୁ କହିଲେ, ଛାତ୍ରୀଛାତ୍ର ଓ ଯୁବକମାନଙ୍କ ମଧ୍ୟରେ ଶୃଙ୍ଖଳା ଓ ଏକତା ରହିଲେ ସେମାନେ ଯେକୌଣସି ପରିସ୍ଥିତିର ମୁକାବିଲା କରିପାରିବେ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁବ, ଛାତ୍ରଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ଓଡ଼ିଶା ରୂପାନ୍ତରୀକରଣରେ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ବୈଠକରେ ଯୁବନେତା ଜଗବନ୍ଧୁ ନାୟକ, ଛାତ୍ର ସୁରକ୍ଷା ମଞ୍ଚର ସଭାପତି ରାଘବେନ୍ଦ୍ର ମହାନ୍ତି, ଛାତ୍ର ନେତା ବନମାଳୀ ଦାସ, ଅଭୟ ରାଉତ, ଅଭିମନ୍ୟୁ ପରିଡ଼ା ପ୍ରମୁଖ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଆହ୍ୱାନ କରିଥିଲେ ।

# ପେତପଡ଼ାରେ ବିଜେଡିର ପଦଯାତ୍ରା

ଆଳି,୧୯।୫(ବନମାଳୀ ସେନାପତି)

ରବିବାର ଆଳି ନିର୍ବାଚନମଣ୍ଡଳୀର ୧ ନମ୍ବର ଜୋନର ପେତପଡା ପଞ୍ଚାୟତରେ ଆଳି ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ପଦଯାତ୍ରା କରି ଭୋଟରମାନଙ୍କୁ ଡବଲ ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି । ଏଥି ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସେ ଭୋଟରମାନଙ୍କ ଅନୁଧେ କରିଛନ୍ତି । ଏହି ପଦଯାତ୍ରାରେ ଜିଲା ପରିଷଦ ସଦସ୍ୟ କନକଲତା ବେହେରା, ବ୍ଲକ ସଭାପତି ସନାତନ ମିଶ୍ର,ବ୍ଲକ ବିଜୁ ଜ2ନତା ଦଳ ସଭାପତି କେଦାରନାଥ ବେହେରା, ସରପଞ୍ଚ ଅନୁପମା ପ୍ରିୟଦର୍ଶନୀ, ସମିତିସଭ୍ୟ ସୁଙ୍କାନୀ ଖିଲାର , ପୂର୍ବତନ ସରପଞ୍ଚ ଅଦୈତ ପ୍ରଧାନ, ଶିବ ପ୍ରସାଦ ବେହେରାଙ୍କ ସମେତ ବିଜେଡି କର୍ମୀମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ ।

# ନିଜ ସପକ୍ଷରେ ଭୋଟ ମାଗିଲେ ପ୍ରତାପ, ଅଂଶୁମାନ

ରାଜକନିକା,୧୯।୫
(ସଞ୍ଜୟ କୁମାର ଦାଶ)

## ବିଜେଡିର କର୍ମୀ ସମ୍ମିଳନୀ

ରାଜକନିକା ବ୍ଲକ ଆଖୁଳିପଡା ପଞ୍ଚାୟତ ବର୍ତ୍ତନୀ ଖେଳ ପଡ଼ିଆରେ ବିଜେଡିର କର୍ମୀ ସମ୍ମିଳନୀ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଙ୍ଗଠକ ନୟୁମ ଖାଁଙ୍କ ସଂଯୋଜନା ତଥା ବ୍ଲକ ବିଜେଡି ଯୁବ ସଙ୍ଗଠକ ପବିତ୍ର ରାଉତଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ଆଳି ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଏବଂ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଯୋଗଦେଇ କର୍ମୀମାନଙ୍କୁ ବିଜେଡିର ସୁଶାସନ,ସଫଳତା ତଥା ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରି ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ବରିଷ୍ଠ ବିଜେଡି ନେତା ବିକାଶ ଚନ୍ଦ୍ର ଦାସ, ପୂର୍ବତନ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ, ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ଜିଲା ପରିଷଦ ସଭ୍ୟା ଅମିତା ସାହୁ, ସରପଞ୍ଚ ସମଲେତୁନ ବିବି, ସମିତି ସଭ୍ୟା ସୌଦାମିନୀ ପତି ଓ ରାଜକନିକା ବ୍ଲକ ବିଜୁ ଜନତା ଦଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସଂଯୁକ୍ତା ଶତପଥୀ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୯ ପଞ୍ଚାୟତର ନେତୃମଣ୍ଡଳୀଙ୍କ ସମେତ ଯୁବନେତା ବିପ୍ଳବ ବେହେରା, ସୁରେଶ ବେହେରା, ସରାଫ ଅଲ୍ଲୀ, ସତ୍ୟସୁନ୍ଦର ପତି, ବୈଦ୍ୟନାଥ ବିଶାଳ, ସନ୍ତୋଷ ବଳ, ଦେବାଶିଷ ବଳ ଓ କବିନାରାୟଣ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଚାର ମଇଦାନରେ ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର

ଆଳି,୧୯।୫(ବନମାଳୀ ସେନାପତି)

ଆଳି ଅଞ୍ଚଳରେ ଖରା ତାତିଠୁ ବଢ଼ି ଯାଇଛି ନିର୍ବାଚନୀ ତାତି । ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ଆଳି ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ଦିନରାତି ଏକ କରି ନିଜ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି। ଆଳି ନିର୍ବାଚନମଣ୍ଡଳୀରେ ପ୍ରତି ନିର୍ବାଚନରେ ତୃତୀୟ ସ୍ଥାନରେ ରହୁଥିବା ଭାଜପା ଚଳିତ ନିର୍ବାଚନରେ ପ୍ରାର୍ଥୀ ପରିବର୍ତ୍ତନ କରିଛି। ଭାଜପା ବ୍ରଜସୁନ୍ଦର ଭୂୟାଁଙ୍କୁ ଦୁଇଥର ପ୍ରାର୍ଥୀ କରି ସଂଗଠନର ମୂଳଦୁଆ ପକାଇଥିବା ବେଳେ ଭୋଟହାର ମାତ୍ର ୪ ହଜାର ମଧ୍ୟରେ ରହୁଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଦୋଳଗୋବିନ୍ଦ ନାୟକଙ୍କୁ ପ୍ରାର୍ଥୀ କରି ୨୦୧୯ ନିର୍ବାଚନରେ ୨୬ ହଜାର ଭୋଟ ପାଇଥିଲା। ପୂର୍ବତନ ବିଧାୟକ ପ୍ରାର୍ଥୀ ବ୍ରଜସୁନ୍ଦର ଭୂୟାଁ ନିକଟରେ ଦଳ ଛାଡି ବିଜେଡିରେ ସାମିଲ ହୋଇଥିବା ବେଳେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ ଭାଜପା ସହିତ ଜଡିତ ଅଛନ୍ତି । ଚଳିତ ନିର୍ବାଚନରେ ଦଳ ପକ୍ଷରୁ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ପ୍ରାର୍ଥୀ କରାଯାଇଛି । କୃଷ୍ଣଚନ୍ଦ୍ର ଆଳି ନିର୍ବାଚନମଣ୍ଡଳୀର ଆଳି ଓ ରାଜକନିକା ବ୍ଲକର ୬୩ ପଞ୍ଚାୟତରେ ନିଜର ପ୍ରଚାରକୁ ଜୋରଦାର କରିଛନ୍ତି। ମୋଦି ସରକାରଙ୍କ ନାନା ଯୋଜନାକୁ ନେଇ ଘରେ ଘରେ ଭୋଟରମାନଙ୍କୁ ଭାଜପାର ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ଭୋଟ ଦେବାକୁ ନିବେଦନ କରୁଥିବା ଦେଖିବାକୁ ମିଳୁଛି । କେଉଁଠି ମିଶ୍ରଣ ପର୍ବ ତ ଆଉ କେଉଁଠି ମୋଟର ସାଇକେଲରେ ବିଭିନ୍ନ ଗାଁରେ ପହଞ୍ଚି ନିଜ ସପକ୍ଷରେ ଭୋଟରଙ୍କୁ ମନାଉଛନ୍ତି । ଏପରି କି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପାଇଁ ତାଙ୍କ ସ୍ତ୍ରୀ ଓ ଝିଅ ମଧ ଗାଁ ରେ ପ୍ରଚାରରେ ଲାଗି ପଡିଛନ୍ତି । ତିନି ଦଳର ପ୍ରଚାରରେ ଆଳି ନିର୍ବାଚନମଣ୍ଡଳୀ ସରଗରମ ରହିଛି।


ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ନିର୍ବାଚନ ପ୍ରଚାର କରୁଛନ୍ତି।

## ସଂକ୍ଷେପରେ

### ଗରମ ପେୟ ପଡ଼ି ପୋଲିଂ କର୍ମଚାରୀ ଆହତ

ଆସିକା/ଧରାକୋଟ,୧୯।୫
(ସୁରେନ୍ଦ୍ର ନାଥ ସାହୁ/ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଅନ୍ତର୍ଗତ ମଛାକୋଟ ପଞ୍ଚାୟତର ମଥୁରା ପଦନାପୁର ଗ୍ରାମର ଏକ ବୁଥରେ ନିୟୋଜିତ କର୍ମଚାରୀଙ୍କ ପାଇଁ ରୋଷେଇ ବେଳେ ଗରମ ପେୟ ପଡ଼ିଯିବାରୁ ଜଣେ ପୋଲିଂ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି । ସେ ହେଲେ କୋଟିନଡା ଥାନା ଅନ୍ତର୍ଗତ ଗୋଲାପଲ୍ଲୀ ଗ୍ରାମର ସୁବାସ ଚନ୍ଦ୍ର ପାତ୍ର। ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ଲାଗି ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସୁସ୍ଥ ହେବା ଲାଗି ପ୍ରାୟ ୧୫ଦିନ ଲାଗିବ ବୋଲି ଡାକ୍ତର କହିଥିବା ସୁବାସ ସୂଚନା ଦେଇଛନ୍ତି ।

### ରାଧାଗୋବିନ୍ଦପୁରରେ ୨୪ ପ୍ରହର ନାମଯଜ୍ଞ

ଗଞ୍ଜାମ,୧୯।୫(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ ଝରେଡ଼ି ରାଧାଗୋବିନ୍ଦପୁର ଗ୍ରାମରେ ୨୪ ପ୍ରହର ନାମଯଜ୍ଞ ଆୟୋଜିତ ହେଉଥିବା ଦେଖିବାକୁ ମିଳିଛି। ଗତ ଗୁରୁବାର ଅଧିବାସ ଓ ଅଙ୍କୁରାରୋପଣ, ଶୁକ୍ରବାର ନାମଯଜ୍ଞ ଶୁଭାରମ୍ଭ ହୋଇଛି। ପ୍ରତ୍ୟହ ଅନ୍ନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଗ୍ରାମରେ ସୁସଜ୍ଜିତ ଆଲୋକମାଳା ସହ ଶ୍ରଦ୍ଧାଳୁଙ୍କ ଭିଡ଼ ଗ୍ରାମ୍ୟ ପରିବେଶକୁ ଉତ୍ସବମୁଖର କରିଥିବା ପରିଲକ୍ଷିତ ହୋଇଛି। ସୋମବାର ପୂର୍ବାହ୍ନରେ ନାମଯଜ୍ଞ ସମାପନ, ଦଧିହାଣ୍ଡି ଭଗ୍ନ, ନଗର କୀର୍ତ୍ତନ, ଯମୁନା ସ୍ନାନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କଠାରୁ ପ୍ରକାଶ।

### ବଜ୍ରପାତରେ ୬ ଗାଈ ମୃତ

ଧରାକୋଟ,୧୯।୫(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତର ଲଳିତପୁର ଗ୍ରାମରେ ରବିବାର ବଜ୍ରପାତ ହେବାରୁ ୬ ଗାଈଙ୍କ ମୃତ୍ୟୁ ଘଟିଛି। ଲଳିତପୁର ଗ୍ରାମର ହରି ପ୍ରଧାନ ନିକଟସ୍ଥ ଓଷ୍ଟା ଗ୍ରାମ ନିକଟସ୍ଥ ମହାନ୍ତି ପଡ଼ିଆକୁ ଗାଈ ଚରାଇବା ପାଇଁ ନେଇଥିଲେ। ଅପରାହ୍ନ ୩ଟାରେ ହଠାତ୍ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୬ଟି ଗାଈଙ୍କ ମୃତ୍ୟୁ ଘଟିଥିଲା। ହରି ପ୍ରଧାନ ଜଣେ ଗରିବ ଶ୍ରେଣୀର ଚାଷୀ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

### ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ଗଞ୍ଜାମ,୧୯।୫(ବିଦ୍ୟାଧର ସାହୁ)

ଗଞ୍ଜାମ ବଡବଜାର ଅଞ୍ଚଳର ସୁରେଶ କୁମାର ନାୟକ ଦୁଇ ଦିନ ତଳେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଶନିବାର ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ମେଡିକାଲରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ସୁରେଶଙ୍କୁ ଦୁର୍ଘଟଣାସ୍ଥଳରୁ ଗଞ୍ଜାମ ସହରର ଯୁବ ସାମାଜିକ କର୍ମୀ ସୁଧୀର କୁମାର ପାଢ଼ୀ ଅନ୍ୟମାନଙ୍କ ସହାୟତାରେ ପ୍ରଥମେ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲ ପଠାଇଥିଲେ। ସେଠାରୁ ତାଙ୍କୁ କଟକ ପଠାଯାଇଥିଲା। ମୃତ୍ୟୁ ଖବର ଶୁଣି ପାଢ଼ୀ ତାଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣେଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

### ବୁଗୁଡ଼ାରେ ୧୯ ମଡେଲ ମତଦାନ କେନ୍ଦ୍ର

ବୁଗୁଡ଼ା,୧୯।୫ (କାଳିଚରଣ ଦାଶ)

ସୋମବାର ଆସିକା ଲୋକସଭା ଓ ପୋଲସରା ବିଧାନସଭା ଲାଗି ମତଦାନ ହେବ। ଏଥିପାଇଁ ବୁଗୁଡ଼ା ବ୍ଲକ ଓ ଏନ୍ଏସିର ୧୨୩ ବୁଥର ପୋଲିଂ ପାର୍ଟି ନିର୍ଦ୍ଧାରିତ ବୁଥ ଲାଗି ବ୍ୟାଲେଟ ପେପର ସହ ଆନୁସଙ୍ଗିକ ନିର୍ବାଚନ ଉପକରଣମାନ ଗ୍ରହଣ କରି ପୋଲିସ ସୁରକ୍ଷା ସହ ନିଜ ନିଜ ବୁଥରେ ପହଞ୍ଚିବା ସହ ଭୋଟ ପାଇଁ ବୁଥଗୁଡ଼ିକର ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଯାଇଛି। ଏହି ନିର୍ବାଚନ ଦାୟିତ୍ୱରେ ୧୨ ସେକ୍ଟର ଅଫିସର ନିଯୁକ୍ତି ଥାଇ ବୁଥଗୁଡ଼ିକୁ ନିରୀକ୍ଷଣ କରୁଥିଲା ବେଳେ ଏଥର ୧୧ଟି ସଖି ମତଦାନ କେନ୍ଦ୍ର ସମେତ ୧୯ଟି ମଡେଲ ମତଦାନ କେନ୍ଦ୍ର ରହିଥିବା ଜଣାଯାଇଛି।

# କନ୍ଧମାଳ: ହାଇ ଭୋଲ୍‌ଟେଜ ପ୍ରଚାରକୁ ସମସ୍ତଙ୍କ ଭରସା

## ଆଜି ୩୦ ପ୍ରାର୍ଥୀଙ୍କ ହେବ ଭାଗ୍ୟ ପରୀକ୍ଷା

ଫୁଲବାଣୀ,୧୯।୫(ରାକେଶ କୁମାର ରାଉତ)

ବହୁ ପ୍ରତୀକ୍ଷିତ ସାଧାରଣ ନିର୍ବାଚନ ପାଇଁ ଆଜି ଭୋଟ ଗ୍ରହଣ ହେଉଛି। କନ୍ଧମାଳ ଜିଲାର ଫୁଲବାଣୀ, ବାଲିଗୁଡ଼ା, ଜି.ଉଦୟଗିରି ବିଧାନସଭା ନିର୍ବାଚନୀମଣ୍ଡଳୀ ସମେତ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଭୋଟରମାନେ ସେମାନଙ୍କ ମତ ସାବ୍ୟସ୍ତ କରିବେ। କିଏ ହେବ ଏଥର ବିଜେତା, ତାହାକୁ ନେଇ ସମସ୍ତ ଦଳ ଶେଷ ପ୍ରୟାସ କରିଛନ୍ତି। ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ କନ୍ଧମାଳରେ ହାଇ ଭୋଲ୍‌ଟେଜ ପ୍ରଚାର କରିଛନ୍ତି। ଏହାକୁ ଭରସା କରି ପ୍ରାର୍ଥୀମାନେ ନିର୍ବାଚନ ରଣାଙ୍ଗନ ଜିତିବାକୁ ଆଶା ବାନ୍ଧିଛନ୍ତି । କନ୍ଧମାଳ ସଂସଦୀୟ କ୍ଷେତ୍ରରେ ୮ ପ୍ରାର୍ଥୀ ନିର୍ବାଚନ ଲଢୁଥିବା ବେଳେ ଫୁଲବାଣୀ ବିଧାନସଭା କ୍ଷେତ୍ରରେ ୯, ବାଲିଗୁଡ଼ା ବିଧାନସଭା କ୍ଷେତ୍ରରେ ୫ ଏବଂ ଜି.ଉଦୟଗିରି ବିଧାନସଭା କ୍ଷେତ୍ରରେ ୮ ପ୍ରାର୍ଥୀଙ୍କୁ ମିଶାଇ ୩୦ ଜଣ ନିର୍ବାଚନକୁ ଓହ୍ଲାଇଛନ୍ତି। ପ୍ରଥମେ ବିଜେଡିର ସୁପ୍ରିମୋ ନବୀନ ପଟ୍ଟନାୟକ ଗତ ୯ ତାରିଖରେ ଆସି କନ୍ଧମାଳ ଷ୍ଟାଡିୟମରେ ନିର୍ବାଚନୀ ପ୍ରଚାର କରି ଉପସ୍ଥିତ ଭୋଟରଙ୍କୁ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ଜିଲାରେ ପ୍ରଚାର କାର୍ଯ୍ୟକ୍ରମ ଜୋରଦାର ହୋଇଥିଲା।

୧୧ ତାରିଖରେ ଭାଜପା ପକ୍ଷରୁ ମଧ୍ୟ ଏହି ଷ୍ଟାଡିୟମରେ ଜନ ସଂକଳ୍ପ ସମାବେଶ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଆପଣଙ୍କ ଗୋଟିଏ ଭୋଟ ଓଡ଼ିଶାରେ ଡବଲ ଇଂଜିନ ସରକାର କରିବ ବୋଲି କହି ଭୋଟ ଭିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ପାଖାପାଖି ଲକ୍ଷେ ଲୋକଙ୍କ ସମାଗମ ହୋଇଥିଲା । କିନ୍ତୁ ଏହାପରେ ଭାଜପାର ପ୍ରଚାର କାର୍ଯ୍ୟ, ନିର୍ବାଚନରେ ଠିଆ ହୋଇଥିବା ପ୍ରାର୍ଥୀଙ୍କ ଗ୍ରାମାଞ୍ଚଳରେ ପାଦ ପଡିଲା ନାହିଁ। ଆଜିଯାଏ ଏମ୍‌ପି ପ୍ରାର୍ଥୀଙ୍କୁ କେବଳ ଭାଜପା ପକ୍ଷରୁ ଆୟୋଜିତ ସଂକଳ୍ପ ସମାବେଶରେ ଦେଖିବାକୁ ମିଳିଛି।

ପୂର୍ବରୁ ପଛରେ ଥିବା କଂଗ୍ରେସ ଏହି ହାଇ ଭୋଲ୍‌ଟେଜ ପ୍ରଚାରକୁ ଦେଖି ଡରି ଯାଇ ନ ଥିଲା । କଂଗ୍ରେସ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ୧୬ ତାରିଖରେ ଫୁଲବାଣୀ କରୋନେଶନ ପଡିଆକୁ ଆସି ନିର୍ବାଚନ ପ୍ରଚାର କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଶାଠାରୁ ଅଧିକ ସଂଖ୍ୟାରେ ଜନସମାଗମ ହୋଇଥିଲା । ଖାର୍ଗେ ସିଧା କେନ୍ଦ୍ର ଭାଜପା ସରକାର ଏବଂ ରାଜ୍ୟ ସରକାଙ୍କୁ ଟାର୍ଗେଟ କରିଥିଲେ । ତେଣୁ ଦେଶକୁ ବଞ୍ଚାଇବାକୁ ହେଲେ କଂଗ୍ରେସକୁ କ୍ଷମତାକୁ ଆଣିବାକୁ ହେବ ବୋଲି କହିବା ସହ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ମାଗିଥିଲେ । ଏହି ୩ ଦଳର ମୁଖ୍ୟମାନେ ପ୍ରଚାରକୁ ଆସିଥିବାରୁ ସେମାନଙ୍କ ପ୍ରାର୍ଥୀ ନିଶ୍ଚିତ ଜିତିବେ ବୋଲି ଦାବି କରୁଥିବା ବେଳେ ଭୋଟ ଗ୍ରହଣ ପରେ ଫଳାଫଳ ଘୋଷଣା ହେଲେ ଜଣାପଡିବ କେଉଁ ଷ୍ଟାର ପ୍ରଚାରକ ଏଠାର ଭୋଟରଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଛନ୍ତି।

ସୂଚନାଯୋଗ୍ୟ, ଜିଲାରେ ମୋଟ ୫ ଲକ୍ଷ ୬୮ ହଜାର ୯୬୧ ଜଣ ଭୋଟର ରହିଛନ୍ତି । ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୭୪ ହଜାର ୮୩୮ ପୁରୁଷ, ୨ ଲକ୍ଷ ୯୪ ହଜାର ୫୦ ମହିଳା ଏବଂ ୭୩ ଜଣ କିନ୍ନର ମତଦାତା ଅଛନ୍ତି। ଭିନ୍ନକ୍ଷମ ଭୋଟର ସଂଖ୍ୟା ୧୧ ହଜାର ୨୪୮ ଏବଂ ୧୪ ହଜାର ୩୩୦ ଯୁବ ଭୋଟର ଅଛନ୍ତି । ଭୋଟ ଗ୍ରହଣ ପାଇଁ ଜିଲାର ୬୬୧ଟି ବୁଥ୍ କରାଯାଇଛି।

# ମା' କମଳା ଦେବୀଙ୍କ ଠାକୁରାଣୀ ଯାତ୍ରା ଆରମ୍ଭ

## ବାପ ଘରକୁ ଆସିବେ ସାଆନ୍ତାଣୀ, ଗାଁ ଉତ୍ସବ ମୁଖର

ପାରଳାଖେମୁଣ୍ଡି, ୧୯।୫ (ଗିରିଧାରୀ ପରିଚ୍ଛା)



ଗଜପତି ଜିଲା ରାୟଗଡ଼ ବ୍ଲକ ସଦର ମହକୁମାର ଓଡ଼ିଆସାହିଠାରେ ମା' କମଳା ଦେବୀଙ୍କ ଯାତ୍ରା ଆରମ୍ଭ ହେଉଛି। ବାପ ଘରକୁ ଆସିବେ ମା' ସାଆନ୍ତାଣୀ। ଏଥି ନିମନ୍ତେ ପୂରା ଗାଁ ଉତ୍ସବମୁଖର ହୋଇଛି । ଅସ୍ଥାୟୀ ମଣ୍ଡପ ନିର୍ମାଣ ଶେଷ ହୋଇଛି। ଶାଶୁ ଘରୁ ବାପା ଘରକୁ ଆସିଥାନ୍ତି ମା, ଯାହାକୁ ନେଇ ଯାତ୍ରା ଆୟୋଜିତ ହୋଇଥାଏ। ବାପ ଘର ନିକଟ ଅସ୍ଥାୟୀ ମଣ୍ଡପରେ ରହି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ମା'ଙ୍କ ଆଗମନ ପାଇଁ ଅଞ୍ଚଳବାସୀଙ୍କ ମନରେ ଉତ୍ସାହ ଲାଗିରହିଥାଏ। ପ୍ରାୟ ଦୀର୍ଘ ୭ ବର୍ଷର ବ୍ୟବଧାନ ପରେ ଉକ୍ତ ସାହିରେ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ସମସ୍ତଙ୍କ ମନରେ ଆନନ୍ଦ ଉତ୍ସାହ ଦେଖିବାକୁ ମିଳିଛି। ରଙ୍ଗବେରଙ୍ଗ ଆଲୋକ ମାଳାରେ ସୁସଜ୍ଜିତ ହୋଇଛି ସାହି। ପ୍ରତେକ ଦିନ ମନୋରଞ୍ଜନ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି ବୋଲି ପୂଜା କମିଟିର ସଭାପତି ଚିତ୍ରସେନ ଲେଙ୍କା କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ସାହିର ସମସ୍ତ ଯୁବକ ମାନେ ପରିଚାଳନ କରିଥିବା ବେଳେ ସମସ୍ତ ସାହିବାସିନ୍ଦା ସହଯୋଗ କରିଛନ୍ତି।

# ୧୪୭ ବୁଥ୍‌ରେ ମତଦାନ କରିବେ ୧ ଲକ୍ଷ ୪୧ ହଜାର ୭୬୬ ଭୋଟର

ପୁରୁଷୋତ୍ତମପୁର,୧୯।୫(ସୀମାଞ୍ଚଳ ମିଶ୍ର)

ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଗଞ୍ଜାମ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ରବିବାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ସକାଳୁ ମତଦାନ ଆରମ୍ଭ ହେବ। ପୁରୁଷୋତ୍ତମପୁର ବ୍ଲକରେ ଯାଉଥିବା ଖଲ୍ଲିକୋଟ ନିର୍ବାଚନମଣ୍ଡଳୀରେ ୧୫ ପଞ୍ଚାୟତ ସମେତ ପୁରୁଷୋତ୍ତମପୁର ଏନ୍ଏସି ରହିଥିବା ବେଳେ ଏଥିରେ ୮୪,୩୬୯ ଜଣ ଭୋଟର ରହିଛନ୍ତି। ସେଥିରୁ ମହିଳା ୪୦,୪୦୬ ଓ ପୁରୁଷ ୪୩,୯୫୧ ଜଣ। ଭୋଟଦେବା ଲାଗି ୮୮ ଗୋଟି ମତଦାନ କେନ୍ଦ୍ର ଖୋଲାଯାଇଛି। ସେହିପରି କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ଯାଉଥିବା ୧୧ ଗୋଟି ପଞ୍ଚାତରେ ୫୭,୩୯୭ ଭୋଟର ରହିଥିବାବେଳେ ମହିଳା ୨୭,୧୫୮ ଓ ପୁରୁଷ ୩୦,୨୩୬ ରହିଛନ୍ତି। ଏମାନେ ଭୋଟଦେବା ଲାଗି ୫୯ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ପୁରୁଷୋତ୍ତମପୁର ବ୍ଲକରେ ସମୁଦାୟ ୧୪୭ଟି ବୁଥ୍ ରହିଥିବା ବେଳେ ଏଥିମଧ୍ୟରୁ ୧୦ଟି ସଖୀ ବୁଥ୍, ୫ଟି ଆଦର୍ଶ ବୁଥ୍ ଓ ଗୋଟିଏ ଇକୋ ଫ୍ରେଣ୍ଡ୍‌ଲି ବୁଥ୍ ରହିଛି। ଏହି ବୁଥ୍‌ଗୁଡ଼ିକ ମାଧ୍ୟମରେ ସମୁଦାୟ ୧,୪୧,୭୬୬ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ସେପଟେ ସମସ୍ତ ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚି ନିର୍ବାଚନ ଲାଗି ସମସ୍ତ ବ୍ୟବସ୍ଥା ଶେଷ କରିସାରିଛନ୍ତି। ଗୋଟିଏ ପୋଲିଂ ପାର୍ଟିରେ ଜଣେ ପ୍ରିଜାଇଡିଂ ଅଫିସର ଓ ୫ଟି ପୋଲିଂ ଅଫିସର ରହିଛନ୍ତି। ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହେବା ନେଇ ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲଙ୍କ ତତ୍ତ୍ୱାବଧାନରେ ଆଇଆଇସି ବିପିନ ବିହାରୀ ହୋତାଙ୍କ ସମେତ ପୋଲିସ ବିଭିନ୍ନ ସମ୍ବେଦନଶୀଳ ବୁଥ୍‌ଗୁଡ଼ିକର ସ୍ଥିତିର ତଦାରଖ କରୁଛନ୍ତି। ବିଡିଓ ମନୋଜ କୁମାର ନାୟକ ଓ ତହସିଲଦାର ଲୋପାମୁଦ୍ରା ରଥ ମଧ୍ୟ ବୁଥ୍‌କୁ ବୁଥ୍ ବୁଲି ତଦାରଖ କରୁଛନ୍ତି।



ତହସିଲଦାର ତଦାରଖ କରୁଛନ୍ତି।

### ନିରପେକ୍ଷ ନିର୍ବାଚନ ପାଇଁ ଦାବିପତ୍ର

କବିସୂର୍ଯ୍ୟନଗର,୧୯।୫(କୃପାସିନ୍ଧୁ ସ୍ୱାଇଁ)

ନିରପେକ୍ଷ ନିର୍ବାଚନ ଲାଗି ସନାତନ ସଂସ୍କୃତି ରକ୍ଷା ଦଳ ତରଫରୁ ଆସିକା ଲୋକ ସଭା ନିର୍ବାଚନ ମଣ୍ଡଳି ଅଞ୍ଚଳରେ ପ୍ରତ୍ୟେକ ଥାନା ଆଇଆଇସି, ତହସିଲଦାର ଏବଂ ବିଡିଓଙ୍କୁ ପତ୍ର ଦେବା ସହ କାର୍ଯ୍ୟକାରୀ ପାଇଁ ଦାବି ରଖିଛନ୍ତି । ନିରପେକ୍ଷ ନିର୍ବାଚନ ପାଇଁ ଜୟ ସନାତନ ଜୟ ହିନ୍ଦୁ ରାଷ୍ଟ୍ର ଗଠନ ଲାଗି ଉକ୍ତ ଧର୍ମାଲମ୍ବୀ ପ୍ରୟାସ ଜାରି ରଖିଛନ୍ତି। ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା, ଗୋ ହତ୍ୟା ବନ୍ଦ କରିବା, ଗୀତାକୁ ରାଷ୍ଟ୍ରୀୟ ପୁସ୍ତକ ଘୋଷଣା, ଧର୍ମାଧିକରଣ ବନ୍ଦ, ଧାନ କୁଇଣ୍ଟାଲ ପିଛା ୩୨୦୦ଟଙ୍କା ଅଦି ଦାବି ଜଣାଇଥିଲେ ।

### ପୋଲସରା ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ପୋଲସରା,୧୯।୫(ସୁବ୍ରତ ବେହେରା)

ପୋଲସରା ନିର୍ବାଚନମଣ୍ଡଳୀରେ ମେ ୨୦ ତାରିଖରେ ଭୋଟଦାନ ଥିବା ବେଳେ ରବିବାର ସ୍ଥାନୀୟ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏହି ଫ୍ଲାଗ୍‌ମାର୍ଚ୍ଚ ପୋଲସରା କଙ୍କୋରଡ଼ାଠାରୁ ଆରମ୍ଭ କରି ବେଲ ଗାଁ ଛକ ପର୍ଯ୍ୟନ୍ତ କରାଯାଇଛି। ଏସ୍‌ପି ଜଗମୋହନ ମୀନା, ଆଇପିଏସ୍‌ଙ୍କ ନିର୍ଦ୍ଦେଶକ୍ରମେ ନିର୍ବାଚନକୁ ଦୃଷ୍ଟିରେ ରଖି ଏହା କରାଯାଇଥିବା ବେଳେ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।

# କୁର୍ମିଙ୍ଗିଆ, ରାଇପଦାରେ ୧୮ ଟିକିଆ ହାତୀପଲ

ଜି ଉଦୟଗିରି,୧୯।୫(ଶିଶିର ପଟ୍ଟନାୟକ)



- ବ୍ୟାପକ କ୍ଷୟକ୍ଷତି, ଜଙ୍ଗଲକୁ ଯିବା ବାରଣ
- ଗତିବିଧି ଲକ୍ଷ୍ୟ କରିବାକୁ ଡ୍ରୋନ୍ କ୍ୟାମେରା ବ୍ୟବହାର

ଉତ୍ତର ଘୁମୁସର ବନଖଣ୍ଡରୁ ଗୁରୁବାର ବିଳମ୍ବିତ ରାତ୍ରିରେ ୧୮ଟିକିଆ ହାତୀପଲ ଆସି କୁର୍ମିଙ୍ଗିଆ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରିଛନ୍ତି। ଅଞ୍ଚଳବାସୀଙ୍କଠାରୁ ଖବର ପାଇ ବନ ବିଭାଗ ପକ୍ଷରୁ ବନପାଳ ରଶ୍ମିତା ବକ୍ସି, ବନରକ୍ଷୀ ବିଭୁ ରଞ୍ଜନ ସାମନ୍ତରାୟ ଓ ପାରା ଗାର୍ଡ ଘଟଣାସ୍ଥଳରେ ପହଞ୍ଚି ହାତୀର ଗତିବିଧି ଅନୁଧ୍ୟାନ କରିଥିବା ସୂଚନା ମିଳିଛି। ୧୮ ଟିକିଆ ହାତୀପଲ ମଧ୍ୟରେ ୩ଟି ଦନ୍ତା, ୧୦ଟି ମାଈ ହାତୀ, ୫ଟି ହାତୀଛୁଆ ଥିବା ଜାଣାପଡ଼ିଛି। ଅଞ୍ଚଳବାସୀଙ୍କୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ପାଇଁ ବାରଣ କରାଯାଇଛି। ତେବେ ରାଇପଦାସ୍ଥିତ ଜଣଙ୍କ ବଗିଚାରେ ଏହି ହାତୀପଲ ପଶି କଦଳୀ, ବାଉଁଶ, ଆମ୍ବ, ଅମୃତଭଣ୍ଡା ଆଦି ନଷ୍ଟ କରିଥିବା ଜଣାପଡ଼ିଛି। ସେହିପରି ବିକ୍ରମ ପ୍ରଧାନ, ହିରାବତୀ ପ୍ରଧାନ, ଅମିୟ କୁମାର ପ୍ରଧାନ ଓ ଜଗୁ ସାହୁଙ୍କ ଫସଲ ନଷ୍ଟ କରିଛନ୍ତି। ଗତବର୍ଷ ମଧ୍ୟ ହାତୀପଲ ଆସି ବ୍ୟାପକ ଫସଲ ନଷ୍ଟ କରିବା ସହ ଦୀର୍ଘ ୧୫ଦିନ ଧରି ଉପଦ୍ରବ କରିଥିବା ବେଳେ ବର୍ତ୍ତମାନ ୧୮ ଟିକିଆ ହାତୀପଲରେ ଆତଙ୍କିତ ଅଞ୍ଚଳବାସୀ। ତେବେ ହାତୀର ଗତିବିଧି ଲକ୍ଷ୍ୟ କରିବା ପାଇଁ ଡ୍ରୋନ କ୍ୟାମେରା ବ୍ୟାବାହାର କରାଯାଇଛି ବୋଲି ବିଭାଗୀୟ ଅଧିକାରୀମାନେ କହୁଛନ୍ତି।

# ରେଳଷ୍ଟେଶନ ଉନ୍ନତୀକରଣ କାର୍ଯ୍ୟ ଅଧାପନ୍ତରିଆ

ପାରଳାଖେମୁଣ୍ଡି, ୧୮।୫ (ଗିରିଧାରୀ ପରିଚ୍ଛା)



ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ପାରଳା ରେଳ ଷ୍ଟେଶନର ବିକାଶ ଓ ଉନ୍ନତି ପାଇଁ ଦୀର୍ଘଦିନର ଦାବି ପରେ ଷ୍ଟେଶନର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ନବୀକରଣର ଯେଉଁ ସମୟସୀମା ରହିଥିଲା ତାହା ଅତିକ୍ରାନ୍ତ ପରେ ମଧ୍ୟ ନିର୍ମାଣ ନବୀକରଣ କାର୍ଯ୍ୟ ୫୦ ଭାଗରୁ ବି କମ କାର୍ଯ୍ୟ ହୋଇଛି। ବର୍ଷା ହେଲେ ପାଣି ଜମିରହି କାଦୁଅ ହେବା ସହ ଯାତ୍ରୀମାନେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏହି ନବୀକରଣର ସମସ୍ତ କାର୍ଯ୍ୟଧାରାକୁ ନେଇ ପଦସ୍ଥ ପଦାଧିକାରୀ ତଦନ୍ତ କଲେ ବହୁ ରହସ୍ୟ ଲୋକଲୋଚନକୁ ଆସିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ପାରଳା ରେଳଷ୍ଟେଶନର ଉନ୍ନତି ନିମନ୍ତେ କେନ୍ଦ୍ର ରେଳ ମନ୍ତ୍ରଣାଳୟ ତରଫରୁ ୩ଟି ପର୍ଯ୍ୟାୟରେ ୧୪ କୋଟି ଟଙ୍କା ଅନୁଦାନ ମିଳିଛି। ଏଥିରେ ପାରଳା ରେଳଷ୍ଟେଶନରେ ନୂତନ ଯାତ୍ରୀ ବିଶ୍ରାମାଗାର, ଟିକଟ କାଉଣ୍ଟର, ପରିଶ୍ରାଗାର, ପାର୍କିଂ ସ୍ଥଳ, ରେଳ ମ୍ୟୁଜିୟମ, ରିଜର୍ଭେସନ କାଉଣ୍ଟର୍, ରେଳ ପ୍ଲାଟଫର୍ମ ଓଭରବ୍ରିଜ ଆଦି ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ନିର୍ମାଣ କାଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଥିବା ସହ ବର୍ଷା ହେଲେ ପ୍ଲାଟଫର୍ମରେ କାଦୁଆ ପାଣି ଜମିବା ସହ ଲୋକେ ବହୁବାର ପଡ଼ିଯାଉଥିବା ଅଭିଯୋଗ ଆସୁଛି। ଏନେଇ ବାରମ୍ବାର ଅଭିଯୋଗ ଉଠୁଥିଲେ ବି ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ପାରଳାଖେମୁଣ୍ଡି ରେଳଷ୍ଟେଶନରୁ ପ୍ରତ୍ୟେକ ମାସରେ ୩୦ ଲକ୍ଷରୁ ଅଧିକ ଆଦାୟ ହେଉଛି। ତଥାପି ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁନି। ପାରଳାଖେମୁଣ୍ଡିରୁ ହାଇଦ୍ରାବାଦ ପର୍ଯ୍ୟନ୍ତ ନୂତନ ଟ୍ରେନ ଚଳାଚଳ ପାଇଁ ଦାବି ହେଉଥିଲେ ମଧ୍ୟ ବିଭାଗ ଗୁରୁତ୍ୱ ଦେଉନାହାନ୍ତି। ପ୍ରତିଦିନ ରେଳ ଚଳାଚଳରେ ବିଳମ୍ବ ହେଉଛି। ନୌପଡ଼ା ପାରଳାଖେମୁଣ୍ଡିଠାରୁ ଗୁଣୁପୁର ରେଳ ରାସ୍ତାରେ ଦୁଇଟି ଲେବଲ କ୍ରସିଂ ସ୍ଥାପନ ପାଇଁ ଦାବି ହେଉଥିଲେ ମଧ୍ୟ ସେ ନେଇ କୌଣସି ଲେବଲ କ୍ରସିଂ ନିର୍ମାଣ ପାଇଁ ସ୍ଥିର ହୋଇନାହିଁ। ରେଳ ବିଭାଗ ଅଧିକାରୀମାନଙ୍କ ଅଣଦେଖା ଯୋଗୁଁ ପାରଳା ରେଳଷ୍ଟେଶନ ନବୀକରଣ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଅଧପନ୍ତରିଆ ଅବସ୍ଥାରେ ରହିଛି। ଏପ୍ରିଲ ମାସ ସୁଦ୍ଧା ସମସ୍ତ କାମ ସମାପନ ହେବା ପାଇଁ ସମୟ ଧାର୍ଯ୍ୟ ହୋଇଥିଲା, କିନ୍ତୁ ବର୍ତ୍ତମାନ ସୁଦ୍ଧା ଅଧାରୁ କମ କାର୍ଯ୍ୟ ହୋଇଥିବା ଦେଖିବାକୁ ମିଳିଛି।

# ଜି.ଉଦୟଗିରି ବ୍ଲକରେ ୬ ସଖୀ ମତଦାନ କେନ୍ଦ୍ର



ହବାକ୍ ହାଇସ୍କୁଲ ୬୮ନଂ ସଖୀ ବୁଥରେ ପହଞ୍ଚିଲେ ମହିଳା ପୋଲିଂ ପାର୍ଟି।

ଜି.ଉଦୟଗିରି,୧୯।୫(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକରେ ମତଦାନ ପାଇଁ ୩୩ଟି ବୁଥ ପ୍ରସ୍ତୁତ ହୋଇଥିବା ବେଳେ ଏନ୍ଏସିରେ ୮ଟି ବୁଥ ପ୍ରସ୍ତୁତ ହୋଇଛି। ବ୍ଲକ ଏବଂ ଏନଏସିରେ ମୋଟ ୬ଟି ସଖୀ ବୁଥ ଖୋଲା ଯାଇଥିବା ବେଳେ ଏହି ବୁଥଗୁଡିକୁ ମହିଳା କର୍ମଚାରୀମାନେ ପରିଚାଳନା କରିବେ। ଏହି ସଖୀ ମତଦାନ କେନ୍ଦ୍ର ମଧ୍ୟରେ ହବାକ ହାଇସ୍କୁଲରେ ଦୁଇଟି ବୁଥ, ଜି.ଉଦୟଗିରି ହାତୀଶାଳ ୬୯ ନମ୍ବର ବୁଥରେ ଗୋଟିଏ, ଗ୍ରେସିଙ୍ଗିଆରେ ୨ଟି ଓ ବାଡ଼ାନାଜୁ ୮୪ ନମ୍ବର ବୁଥ ଏହିଭଳି ୬ଟି ସଖୀ ବୁଥ ଖୋଲାଯାଇଛି। ସେହିପରି ଇକୋ ଫ୍ରେଣ୍ଡଲି ବୁଥ ୩ଟି ଓ ୟଙ୍ଗ ବୁଥ ଗୋଟିଏ କରାଯାଇଛି। ବୁଥଗୁଡ଼ିକରେ ଶୃଙ୍ଖଳିତ ମତଦାନ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ମତଦାନକୁ ଲକ୍ଷ୍ୟ କରି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ସାଧାରଣ ନିର୍ବାଚନକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଉତ୍ସାହ ରହିଥିବା ବେଳେ ସମସ୍ତେ ମତଦାନ କରିବାକୁ ବ୍ୟାପକ ସଚେତନତା କରାଯାଇଛି।

# ଝିଲିକିରେ ବଜରଙ୍ଗ ଦଳ ଗଠିତ



ସଭାରେ ଉପସ୍ଥିତ କର୍ମକର୍ତ୍ତା।

ମୋହନା,୧୯।୫(ମନ୍ମଥ ମିଶ୍ର)

ମୋହନା ବ୍ଲକ ଅଡ଼ବା ଝିଲିକିଠାରେ ନୂତନ ରୂପେ ବଜରଙ୍ଗ ଦଳ ଗଠନ ହୋଇଯାଇଛି। ଆୟୋଜିତ ସଭାରେ ସଂଯୋଜକ ଭାବେ ସଂଗ୍ରାମ ପାଇକ, ସହ ସଂଯୋଜକ ରାଜୀବ ବେହେରଦଳାଇ, ଗୋ ରକ୍ଷା ପ୍ରମୁଖ ଧୀରେନ୍ଦ୍ର ପାତ୍ର, ବଳ ଉପାସନା କେନ୍ଦ୍ର ପ୍ରମୁଖ ଦିବାକର ପ୍ରଧାନୀ, ସାପ୍ତାହିକ ମିଳନ କେନ୍ଦ୍ର ପ୍ରମୁଖ ଅଜିତ ବେହେରଦଳାଇ, ସୁରକ୍ଷା ପ୍ରମୁଖ ଡମ୍ବରୁ ପ୍ରଧାନୀ, ମହାବିଦ୍ୟାଳୟ ସମ୍ପର୍କ ପ୍ରମୁଖ ତୋଫାନ୍ କାର୍ଯୀଙ୍କୁ ମନୋନୀତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ଜିଲା ସମ୍ପାଦକ ନାରାୟଣ ରଇତ, ଆର୍‌ଏସ୍‌ଏସ୍ ପ୍ରଚାର ପ୍ରମୁଖ ବାବୁଲା ସେଠୀ, ବଜରଙ୍ଗ ଦଳ ଜିଲା ସଂଯୋଜକ ରବୀନ୍ଦ୍ର ନାୟକ, ଭାଜପା ରାଜ୍ୟ ସଦସ୍ୟ ଜିତେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶତାଧିକ ବଜରଙ୍ଗ ଦଳ କର୍ମୀ ପୂଜା ପାଠ କରି ସଂକଳ୍ପ ନେଇ ଦେଶର ସେବା, ସୁରକ୍ଷା ସଂସ୍କାର ଆଣିବା ଦିଗରେ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେଇଥିଲେ।

# ଘୁମୁସର ବନଖଣ୍ଡରେ ୭୯ ଟିମ୍ ଗଠିତ

ଭଞ୍ଜନଗର,୧୯।୫(ବାବୁଲା ପ୍ରଧାନ)




ବୈଠକରେ ଉପସ୍ଥିତ ଅଧିକାରୀ ମାନେ।

ରାଜ୍ୟରେ ୫୧ଟି ବନଖଣ୍ଡ ଥିବାବେଳେ ସେଥିମଧ୍ୟରୁ ୩୯ଟି ବନଖଣ୍ଡରେ ହିଁ ହାତୀ ପ୍ରାୟ ଦେଖାଦିଅନ୍ତି। ପ୍ରତି ଦୁଇ ବର୍ଷକୁ ଥରେ ହାତୀ ଗଣନା ହେଉଥିବା ବେଳେ କରୋନା ପରଠୁ ହାତୀ ଗଣନା ବନ୍ଦ ହୋଇଯାଇଥିଲା। ଆସନ୍ତା ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ବନଖଣ୍ଡରେ ହାତୀ ଗଣନା ହେବ। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡରେ ହାତୀ ଗଣନା ହେବ। ଏଥିପାଇଁ ଘୁମୁସର ଉତ୍ତର ବନଖଣ୍ଡରେ ୬୪ଟି ଟିମ ଗଠନ ହୋଇଥିବା ବେଳେ ଦକ୍ଷିଣ ଘୁମୁସର ବନଖଣ୍ଡରେ ୧୫ଟି ଟିମ ଗଠନ ହୋଇଛି। ଏଥିସହ ସମପରିମାଣର ମଞ୍ଚ ମଧ୍ୟ ଗଛ ଉପରେ ନିର୍ମାଣ କରାଯାଇଛି। ତେଣୁ ଏନେଇ ରବିବାର ସ୍ଥାନୀୟ ନର୍ସରୀ ପରିସରରେ ହାତୀ ଗଣନା କିଭଳି ହେବ ସେନେଇ କର୍ମଚାରୀମାନଙ୍କୁ ତାଲିମ ଦିଆଯାଇଥିଲା। ଡିଏଫଓ ଶୁଭ୍ରାଂଶୁ ଶେଖର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, ଗାଳେରି ରେଞ୍ଜର ଆଶାଲତା ଦିଗାଲ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ, ଜଗନ୍ନାଥପ୍ରସାଦ ରେଞ୍ଜର ସୁଜାତା ରାଣୀ ପଣ୍ଡା, ତାରସିଂ ରେଞ୍ଜର ଅରୁଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉଦବୋଧନ ଦେଇଥିଲେ। ବନ ସୁରକ୍ଷା ସମିତିର ବରିଷ୍ଠ କର୍ମକର୍ତ୍ତା ଲୋକନାଥ ଆଚାର୍ଯ୍ୟ ଆଲୋଚନାରେ ଭାଗନେଇ ଜଙ୍ଗଲରେ ଅଧିକରୁ ଅଧିକ ଆମ୍ବଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ହାତୀର ଖାଦ୍ୟ ଜଙ୍ଗଲରେ ରହିଲେ ସେମାନେ ବାହାରକୁ ଆସିବେ ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ। ଏନେଇ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ ହାତୀ ଗଣନା କିଭଳି ହେବ ସେ ନେଇ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ଡିଭିଜନରେ ୧୫ ଟି ମଞ୍ଚ ହୋଇଥିବା ବେଳେ ସମସ୍ତ କର୍ମଚାରୀ ଗଣନାରେ ନିୟୋଜିତ ହୋଇଛନ୍ତି।

## ୨୨ରୁ ହାତୀ ଗଣନା

# ଭୋଟରଙ୍କ ଅଗ୍ରାଧିକାର ସ୍ଥାନୀୟ ସମସ୍ୟା

**ଯାଜପୁର,୧୯।୫(ହର୍ଷବର୍ଦ୍ଧନ ବେହେରା) :**

■ ଯାଜପୁର ଜିଲ୍ଲା ସଂସଦୀୟ କ୍ଷେତ୍ର
■ ଗ୍ୟାରେଣ୍ଟି କାର୍ଡ ଧରି ମାତିଛନ୍ତି ପ୍ରାର୍ଥୀ, କର୍ମୀ

ଯାଜପୁର ସଂସଦୀୟ କ୍ଷେତ୍ରର ୭ଟି ବିଧାନସଭା ନିର୍ବାଚନ ମଣ୍ଡଳିର ଭୋଟରମାନେ ଏବେ ନିଜ ଅଞ୍ଚଳର ସମସ୍ୟାକୁ ଅଗ୍ରାଧିକାର ଦେଉଥିବା ଦେଖିବାକୁ ମିଳିଛି। ଫଳରେ ସାଧାରଣ ଭୋଟର କାହାକୁ ଭୋଟ ଦେବେ ସେଥିପ୍ରତି ଅଧିକ ଯତ୍ନବାନ ହେଉଥିବା ଚର୍ଚ୍ଚା ହେଉଛି।

ଭାଜପା ପକ୍ଷରୁ ମୋଦିଙ୍କ ଗ୍ୟାରେଣ୍ଟି, ବିଜେଡି ପକ୍ଷରୁ ନବୀନଙ୍କ ବିଜୁଳି ଛାଡ ଗ୍ୟାରେଣ୍ଟି ଏବଂ କଂଗ୍ରେସ ପକ୍ଷରୁ ରାହୁଲଙ୍କ ୧୦ଟି ଗ୍ୟାରେଣ୍ଟିକୁ ନେଇ ପ୍ରଚାର ଅଭିଯାନ ଚଳାଇଛନ୍ତି। ଏହି ଗ୍ୟାରେଣ୍ଟି ମଧ୍ୟରେ ଯାଜପୁର ବାସୀଙ୍କ ପାଇଁ କ'ଣ ସ୍ୱତନ୍ତ୍ରତା ରହିଛି ତାହା ଭୋଟରମାନେ ଏବେ ପ୍ରଶ୍ନ କରୁଛନ୍ତି। ସମସ୍ତ ପ୍ରାର୍ଥୀ ଜନତାଙ୍କ ସେବା ପାଇଁ ବ୍ୟାକୁଳତାର ସହ ଭୋଟ ଭିକ୍ଷା କରୁଥିବାବେଳେ ଜିଲାବାସୀଙ୍କ ମୁଖ୍ୟ ସମସ୍ୟା କ'ଣ ତାହା ଅନୁଭବ କରି ନ ଥିବା ମନେ ହେଉଛି। ସେହି ପ୍ରମୁଖ ସମସ୍ୟାଗୁଡିକ ମଧ୍ୟରୁ ଦୀର୍ଘ ୫୩ ବର୍ଷ ଧରି ଯାଜପୁର ରୋଡ–ବିରଜା କ୍ଷେତ୍ର ରେଳପଥ ନିର୍ମାଣ ପାଇଁ ଦାବି ହୋଇ ଆସୁଥିବାବେଳେ ତାହା ସରକାରୀ ଦପ୍ତରରେ ଅଟକି ରହିଛି। ସେହିପରି ଯାଜପୁର ରୋଡ ରେଳଷ୍ଟେସନକୁ ଡିଭିଜନ ମାନ୍ୟତା, ପ୍ରସ୍ତାବିତ ଫ୍ଲାଏଓଭର ବ୍ରିଜ, ଗଳିପୋଲ ଇତ୍ୟାଦି କେବଳ ପ୍ରତିଶ୍ରୁତିରେ ଅଟକିଛି। ଏମପି ପ୍ରାର୍ଥୀମାନଙ୍କ ପକ୍ଷରୁ ଏ ସମ୍ପର୍କରେ କୌଣସି ପ୍ରତିଶ୍ରୁତି ନାହିଁ। ଯାଜପୁର ଜିଲାରୁ ହଜି ଯାଇଥିବା କୁଟୀର ଶିଳ୍ପ ବିରଜା ତେଲ କଳ, ଦଶରଥପୁରର ବାଲତି କାରଖାନା, ଯାଜପୁରର ଲୌହ କୁଟୀର ଶିଳ୍ପ, ବିଞ୍ଝାରପୁରର ପଞ୍ଚାୟତ ସମିତି କାଷ୍ଠ କାରଖାନା, ପାଣିକୋଇଲିର ଛତା, ଲୁହା ଓ କାରିଗରୀ ଶିଳ୍ପ, ବରୀର ଚିନି କାରଖାନା, ସୁକିନ୍ଦାର ଟସର କାରଖାନା, ରସୁଲପୁର (ଗୋପାଳପୁରର) ହସ୍ତ ତନ୍ତ ଶିଳ୍ପ, ଯାଜପୁରର ବୈଦ୍ୟରାଜପୁର କଂସା କାରଖାନା ଇତ୍ୟାଦି ସମ୍ପର୍କରେ କେହି ପଚାରି ବୁଝୁ ନାହାନ୍ତି। ଏଥିରେ ସଂପୃକ୍ତ ଥିବା କୁଶଳୀ କାରିଗରମାନେ ଅନ୍ୟ ପ୍ରଦେଶରେ ଦାଦନ ଖଟୁଛନ୍ତି। ଏହାର ପୁନରୁଥାନ ନିମନ୍ତେ କୌଣସି ପ୍ରାର୍ଥି ପ୍ରତିଶ୍ରୁତି ଦେଇନାହାନ୍ତି। ଜିଲାର ବ୍ରାହ୍ମଣୀ ନଦୀ ଦେଇ ୫ ନମ୍ବର ଜଳପଥର ନୀଳ ନକ୍ସା ତିଆରି ହୋଇ ସାରିଥିଲେ ହେଁ ସରକାରଙ୍କ ଅନୁମୋଦନ ପରେ ବି ଏହା ସମ୍ଭବ ହୋଇ ପାରି ନାହିଁ।



ସେହିପରି ବ୍ରାହ୍ମଣୀ, ଖରସ୍ରୋତା, ବୈତରଣୀ ନଦୀର ପ୍ରବାହିତ ଜଳର ସଂରକ୍ଷଣ ପାଇଁ ପ୍ରତି ନଦୀର ଶେଷ ମୁଣ୍ଡରେ ୪ଟି ଚେକଡ୍ୟାମ ନିର୍ମାଣ ସମ୍ପର୍କରେ ଏବଂ ନଦୀ ସଂଯୋଗୀକରଣ ସମ୍ପର୍କରେ କୌଣସି ପ୍ରାର୍ଥୀ କିଛି ପ୍ରତିଶ୍ରୁତି ଦେଉନାହାନ୍ତି। ମୂଳ ଖରସ୍ରୋତା ନଦୀର ପୁନରୁଦ୍ଧାର ପାଇଁ କାହାରି ଚିନ୍ତା ନାହିଁ। ଜିଲାର ଶିଳ୍ପ ନଗରୀ କଳିଙ୍ଗନଗରଠାରେ ଗଢି ଉଠିଥିବା କେତେକ ବୃହତ୍ ଶିଳ୍ପ ବନ୍ଦ ହୋଇଯାଇଛି। ସେଥିରେ ନିୟୋଜିତ ଶ୍ରମିକ ଓ କର୍ମଚାରୀମାନେ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ବଡ ବଡ ଶିଳ୍ପ କାରଖାନାରେ ସ୍ଥାନୀୟ ନିଯୁକ୍ତିର ତଦନ୍ତ କରିବାକୁ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ଧର୍ମଶାଳା ତହସିଲ ଅଞ୍ଚଳରେ ଅନେକ କୋଟି ଟଙ୍କାର ମୂଲ୍ୟବାନ ଗ୍ରାନାଇଟ ପଥର ଚୋରି ହେଉଥିବାବେଳେ ତାହାର ନିୟନ୍ତ୍ରଣ ପାଇଁ କେହି ଦୃଢ଼ୋକ୍ତି ପ୍ରକାଶ କରୁନାହାନ୍ତି। ମିଶନଶକ୍ତି ଓ ସ୍କୁଲ ରୂପାନ୍ତରୀକରଣ ନାମରେ ଅର୍ଥହେରଫେର ଅଭିଯୋଗ ହୋଇଥିବା, ପ୍ରତ୍ୟେକ ବିକାଶମୂଳକ କାର୍ଯ୍ୟରେ ପିସି କାରବାର ଉପରେ କୌଣସି ପ୍ରାର୍ଥୀ ତଦନ୍ତ କରିବାକୁ ଆନ୍ତରିକତା ଦେଖାଉନାହାନ୍ତି। ଜିଲାରୁ ରପ୍ତାନୀ ହେଉଥିବା ତୈଳବୀଜ ଜାତୀୟ ଫସଲ ଓ ବସୁମତୀ ଚାଉଳର ଉତ୍ପାଦନ ବୃଦ୍ଧି ପାଇଁ ରାଜନୈତିକ ରାଜନୈତିକ ଇଚ୍ଛାଶକ୍ତି ଥିବା ଭଳି ମନେହେଉନାହିଁ। ସ୍ୱାସ୍ଥ୍ୟ କେନ୍ଦ୍ର ଓ ଶିକ୍ଷାନୁଷ୍ଠାନମାନଙ୍କରେ ଖାଲି ପଡିଥିବା ପଦବୀଗୁଡିକ ପୂରଣ, ଜିଲାର ଅସ୍ମିତା ଓ ବରପୁତ୍ରମାନଙ୍କ ସ୍ମୃତି ରକ୍ଷା ନିମନ୍ତେ ଏବଂ ବିରଜା ମହାତ୍ମ୍ୟକୁ ସାରା ଭାରତବର୍ଷରେ ପ୍ରତିଷ୍ଠା କରିବା ପାଇଁ କାହାରି ଅଙ୍ଗୀକାରବଦ୍ଧତା ଥିବା ପରି ଜଣାଗଲା ନାହିଁ। ଯାଜପୁରର ବରପୁତ୍ର ଅଭିମନ୍ୟୁଙ୍କ ନାମରେ ନାମିତ ଭୁବନେଶ୍ୱର ମାର୍ଗ ହଠାତ ଉଠାଇ ଦିଆଯାଇ ମଦରଟେରେସା ନାମକରଣ ପରେ ପୁନଶ୍ଚ ଅଭିମନ୍ୟୁଙ୍କ ନାମ କେହି ଧରୁ ନାହାନ୍ତି। ଖରସ୍ରୋତା ନଦୀ ବଞ୍ଚାଅ ଆନ୍ଦୋଳନ ଓ ସ୍ଥାୟୀ ବନ୍ୟା ନିୟନ୍ତ୍ରଣ ସହ ଶୀତଳଭଣ୍ଡାର ପ୍ରତିଷ୍ଠା ପାଇଁ କୌଣସି ପ୍ରାର୍ଥୀ ନିଜ ନିଜ ଇସ୍ତାହାରରେ ଜିଲାବାସୀଙ୍କୁ ପ୍ରତିଶ୍ରୁତି ଦେଇ ନ ଥିବା ସାଧାରଣରେ ଚର୍ଚ୍ଚା ଚାଲିଛି। ଏ ସମ୍ପର୍କରେ ବରିଷ୍ଠ ବୁଦ୍ଧିଜୀବୀ ହରେକୃଷ୍ଣ ପଣ୍ଡା କୁହନ୍ତି ଦଳୀୟ ପ୍ରାର୍ଥିମାନେ ଆଗ ନିଜ ଜନ୍ମଭୂମି ଓ ଜନ୍ମ ମାଟିର ପ୍ରମୁଖ ସମସ୍ୟାଗୁଡିକ ପ୍ରତି ଦୂରଦୃଷ୍ଟି ନରଖି ଲୋକପ୍ରତିନିଧି ହୋଇଗଲେ ଜିଲାର ଆର୍ଥିକ ବିକାଶ ଅସମ୍ଭବ ହୋଇ ରହିବ। ପ୍ରତି ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଏ ସମ୍ପର୍କରେ ଆଦୌ ମୁହଁ ଖୋଲୁ ନଥିବା ଜିଲାବାସୀଙ୍କ ପାଇଁ କ୍ଷୋଭର କାରଣ ହୋଇପଡିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଭୁ



@ ବିକାଶ



@ ପ୍ରଭାସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାରଖାନାକୁ ପଣ୍ୟ ଆଣିଥିବା ଗାଡ଼ି ଚାଳକଙ୍କ ମୃତ୍ୟୁ

**କଳିଙ୍ଗନଗର,୧୯।୫ (ଶୁଭାଶିଷ ରାଉତ):**

କଳିଙ୍ଗନଗର ଶିଳ୍ପାଞ୍ଚଳର ଜିନ୍ଦଲ କାରଖାନାକୁ ପଣ୍ୟ ଆଣି ଆସିଥିବା ଜଣେ ଟ୍ରକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଫାରୁଖ ଖାନ(୪୨)। ତାଙ୍କ ଘର ରାଜସ୍ଥାନର ୱାଲୱାର ଜିଲାରେ ବୋଲି ଜଣାପଡ଼ିଛି। କାରଖାନା ପରିସରରେ ଗାଡ଼ି ଛିଡ଼ା ହୋଇଥିବାବେଳେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। କାରଖାନା ପରିସରରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ଚିକିତ୍ସା କରାଯାଇଥିଲା। ମାତ୍ର ରବିବାର ସକାଳେ ଗାଡ଼ିରେ ତାଙ୍କ ମୃତ ଦେହଥିବା ପଡ଼ିଥିବା ଦେଖିବାକୁ ମିଳିଥିଲା। ପରେ ଯଖପୁରା ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବ୍ରହ୍ମବରଦାରେ ୨୯୩ ନୂଆ ମତଦାତା

**ବ୍ରହ୍ମବରଦା,୧୯।୫ (ଯଯାତି କେଶରୀ ବେହେରା):**

ବରୀ ନିର୍ବାଚନମଣ୍ଡଳୀ ଅଧୀନ ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତରେ ଚଳିତ ଥର ୨୯୩ ନୂଆ ମତଦାତା ସାମିଲ ହୋଇଛନ୍ତି। ସେମାନେ ଭୋଟ୍ ଦେବାକୁ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ବ୍ରହ୍ମବରଦା ପଞ୍ଚାୟତ ମୋଟ୍ ୧୬ ୱାର୍ଡକୁ ନେଇ ଗଠିତ ହୋଇଥିବାବେଳେ ବୁଥ ନଂ. ୩୮ରେ ୧୧୧୨, ବୁଥ ନଂ. ୩୯ରେ ୧୦୮୧, ବୁଥ ନଂ. ୪୦ରେ ୧୧୨୮, ବୁଥ ନଂ. ୪୧ରେ ୧୦୦୮, ବୁଥ ନଂ. ୪୨ରେ ୧୨୬୬, ବୁଥ ନଂ. ୪୩ରେ ୧୪୨୬ ଏବଂ ବୁଥ ନଂ. ୪୪ରେ ୧୩୧୮କୁ ମିଶାଇ ମୋଟ୍ ୮,୩୩୯ ମତଦାତା ରହିଛନ୍ତି। ଏଥିମଧ୍ୟରୁ ପୁରୁଷ ମତଦାତାଙ୍କ ସଂଖ୍ୟା ୪,୩୯୨ ଏବଂ ମହିଳା ମତଦାତାଙ୍କ ସଂଖ୍ୟା ୩୯୪୭ ରହିଛି। ଚଳିତ ଥର ଯୋଡ଼ି ହୋଇଥିବା ୨୯୩ ନୂତନ ମତଦାତାଙ୍କ ମଧ୍ୟରେ ପୁରୁଷ ୯୮ ଏବଂ ମହିଳା ମତଦାତାଙ୍କ ସଂଖ୍ୟା ୧୯୫ ରହିଛି। ସେହିପରି ବିଭିନ୍ନ କାରଣରୁ ପଞ୍ଚାୟତର ୧୦୮ ପୁରୁଷ ଓ ୧୨୪ ମହିଳାଙ୍କୁ ମିଶାଇ ମୋଟ୍ ୨୩୨ ମତଦାତା ବାଦ ପଡ଼ିଛନ୍ତି। ଦେଖିବାକୁ ବାକି ରହିଲା ନିର୍ବାଚନୀ ମହାପର୍ବରେ କେତେ ସଂଖ୍ୟକ ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରୁଛନ୍ତି।

# ଭାଗ ନେବେ ଯାଜପୁରର ୮ ପ୍ରତିଯୋଗୀ



ସର୍ବଭାରତୀୟ କିକ୍ ବକ୍ସିଂ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ପ୍ରତିଯୋଗୀମାନେ।

**ଯାଜପୁର ଟାଉନ,୧୯।୫ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ସର୍ବଭାରତୀୟ କିକ୍ ବକ୍ସିଂ ପ୍ରତିଯୋଗିତା

ପୁନେ ଏବଂ ମହାରାଷ୍ଟ୍ରରେ ସର୍ବଭାରତୀୟ କିକ୍ ବକ୍ସିଂ ପ୍ରତିଯୋଗିତା ଚଳିତ ମାସ ୨୧ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ଯାଜପୁରର ଆହାନି ସ୍ୱାଇଁ, ଆରାଧ୍ୟା ନାୟକ, ମଧୁସ୍ମିତା ପୃଷ୍ଟି, ସାନଭି ଜେନା, ଆଦ୍ୟାଶା ନନ୍ଦ, ହିତେଶ କୁମାର ପାତ୍ର, ଓମ୍ ପ୍ରକାଶ ନାୟକ ଓ ସାଇ ଆଦ୍ୟାଂଶୁ ମିଶ୍ର ୮ ପ୍ରତିଯୋଗୀ ଭାଗ ନେବେ। ଏମାନେ ଅନୁଗୋଳ ଓ ଯାଜପୁରରେ ଅନୁଷ୍ଠିତ ଚୟନ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିତେନ୍ଦ୍ର ମହାନ୍ତି ଏବଂ ଭାଗ୍ୟଶ୍ରୀ ମହାପାତ୍ର ଓଡ଼ିଶା ଦଳର ପ୍ରବନ୍ଧକଭାବେ ପୁନେ ଯାତ୍ରା କରୁଛନ୍ତି। ଯାଜପୁର ସ୍ପୋର୍ଟ୍ସ କିକ୍‌ବକ୍ସିଂ ସଂଘ ଦ୍ୱାରା ଏହି ପ୍ରତିଯୋଗୀଙ୍କ ପାଇଁ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ଏହି ଦଳର ସଦସ୍ୟମାନଙ୍କୁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ସ୍ପୋର୍ଟ୍ସ କିକ୍‌ବକ୍ସିଂ ସଂଘ ସଭାପତି ଭବ ପ୍ରସାଦ ଦାସ, ବିଚିତ୍ରପୁର ସରପଞ୍ଚ ଦେବାଶିଷ ପଣ୍ଡା, କାର୍ଯ୍ୟକାରୀ ସଭାପତି ବଟକୃଷ୍ଣ ମହାପାତ୍ର, ତପନ କୁମାର ମହାନ୍ତି ଓ ୱାକୋ ଓଡ଼ିଶା ସଭାପତି କାର୍ତ୍ତିକ ଡାକୁଆ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ଦଳର ସଫଳତା ପାଇଁ ସମ୍ପାଦକ ରଞ୍ଜନ ସୂତାର, ଜ୍ୟୋତିର୍ମୟ ନାଥଶର୍ମା, ଲୋକନାଥ ମହାପାତ୍ର, ପ୍ରକାଶ ଲାଲା, ସଞ୍ଜୟ ମହାରଣା, ଅର୍ପିତା ନାୟକ ଓ ପ୍ରଶିକ୍ଷକ ରିତେନ୍ଦ୍ର ବିଶ୍ୱାଳ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଚିହ୍ନଟ ହେଲେ ନକଲି ଆୟୁର୍ବେଦିକ ଡାକ୍ତର

**ଯାଜପୁର,୧୯।୫(ହର୍ଷବର୍ଦ୍ଧନ ବେହେରା):**

କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ଅଭିଯୋଗ

ଯାଜପୁର ଜିଲା ଜାରକା ଅଞ୍ଚଳର ଜଣେ ନକଲି ଆୟୁର୍ବେଦିକ ଡାକ୍ତରଙ୍କ ବିରୋଧରେ ହୋଇଥିବା ତଦନ୍ତରେ କେତେକ ପ୍ରମାଣ ମିଳିବା ପରେ ବି ସରକାରୀ କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ହୋଇଛି। ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ଏନେଇ ନୀରବି ଯାଇଛନ୍ତି। ଭାରତୀୟ ଚିକିତ୍ସା ପଦ୍ଧତି ବା ଆୟୁଷ ବିଭାଗର କୌଣସି ଆଇନ କାମ କରୁନି ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱର ଏବଂ ଯାଜପୁର ଜିଲା ଜାରକା ଅଞ୍ଚଳରେ ଅମରେନ୍ଦ୍ର ନାମକ ଜଣେ ନକଲି ଆୟୁର୍ବେଦିକ ଡାକ୍ତର ଲୋକଙ୍କୁ ଚିକିତ୍ସା କରୁଥିବା ନେଇ ଜିଲାପାଳଙ୍କଠାରୁ ଆରମ୍ଭ କରି ଜାତୀୟ ମାନବାଧିକାର କମିଶନ(ଏନଏଚଆରସି)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ରାଜ୍ୟ ଆୟୁର୍ବେଦିକ ପରିଷଦ ପକ୍ଷରୁ ରେଜିଷ୍ଟ୍ରାର ଡାକ୍ତର ଗୌରୀ ଶଙ୍କର ପ୍ରସାଦ ମିଶ୍ର ଏହାର ଯାଞ୍ଚ କରିଥିଲେ। ରାଜ୍ୟରେ ବର୍ତ୍ତମାନ ୫୫୮୯ ଜଣ ଆୟୁର୍ବେଦିକ ଡାକ୍ତରଙ୍କୁ ଚିକିତ୍ସା କରିବାକୁ ଲାଇସେନ୍ସ ମିଳିଥିବା ବେଳେ ଅଭିଯୁକ୍ତ ଡାକ୍ତର ଅମରେନ୍ଦ୍ରଙ୍କ ଲାଇସେନ୍ସ ନ ଥିବା ଜଣାପଡିଥିଲା। ଆୟୁଷ ଏବଂ ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ଥରେ ମାତ୍ର ତଦନ୍ତ କରି ଚୁପ୍ ରହିଗଲେ। ଏନେଇ ଜାତୀୟ ମାନବାଧିକାର କମିଶନର ରାଜ୍ୟ ସଭାପତି ଶିବ ସୁନ୍ଦର ସ୍ୱାଇଁ ଆୟୁଷ ବିଭାଗର ଅଧିକାରୀ ଏବଂ ଯାଜପୁରର ଜିଲା ଆୟୁର୍ବେଦିକ ମେଡିକାଲ ଅଫିସରଙ୍କୁ ପତ୍ର ଲେଖି ଏହି ଘଟଣାରେ ତଦନ୍ତ ପରେ ବି ସଂପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ ହେବାର କାରଣ କ'ଣ ଜାଣିବାକୁ ଚେଷ୍ଟା କରିଥିଲେ। ହେଲେ ରାଜ୍ୟ ଆୟୁଷ ବିଭାଗ ପକ୍ଷରୁ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏନେଇ ଏନ୍‌ଏଚ୍‌ଆର୍‌ସିର ସଭାପତି ଯଦି ପ୍ରମାଣ ଅଛି ତା'ହେଲେ ଜିଲାପାଳଙ୍କୁ ରିପୋର୍ଟ ଦେଇ ବିହିତ ପଦକ୍ଷେପ ନେବାକୁ ଆୟୁଷ ବିଭାଗକୁ ଜଣାଇଛନ୍ତି। ସେହିପରି ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ଯାଜପୁର ଜିଲାପାଳଙ୍କୁ ମଧ୍ୟ ଚିଠି ମାଧ୍ୟମରେ ଅନୁରୋଧ କରିଛନ୍ତି। କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ହୋଇ ନ ଥିବାରୁ ନକଲି ଡାକ୍ତର ଜଣକ ଏବେ ବି ଚିକିତ୍ସା ସେବା ଜାରି ରଖିଥିବା ଅଭିଯୋଗ ହୋଇଛି।

# କାଳବୈଶାଖୀ ଯୋଗୁ ଭାଙ୍ଗିଲା ଯାତ୍ରା ପେଣ୍ଡାଲ



**ଡେରାବିଶ,୧୯।୫(ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ୍ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗଠାରେ ଏକ ଅପେରା ପାର୍ଟିର ଟେଣ୍ଟ କାଳବୈଶାଖୀ ଯୋଗୁ ଭାଙ୍ଗି ପଡିଛି। ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଯାତ୍ରା ଶନିବାର ଅପରାହ୍ନରେ କାଳବୈଶାଖୀ ପରେ ଆରମ୍ଭ ହୋଇଥିଲା। ହେଲେ ଦ୍ୱିତୀୟ ଦିବସରେ ଅର୍ଥାତ୍ ରବିବାର ଅପରାହ୍ନର କାଳବୈଶାଖୀ ଏତେ ଜୋରରେ ହୋଇଥିଲା ଯେ, ଯାତ୍ରା ପେଣ୍ଡାଲ ଓ ଟେଣ୍ଟ ଭୁଶୁଡ଼ି ପଡିଥିଲା। ଏଥିସହିତ ଯାତ୍ରା ହେଉଥିବା ସ୍ଥାନରେ ବର୍ଷା ପାଣି ଜମି ରହିଛି। ଫଳରେ ରବିବାର ଯାତ୍ରା ବନ୍ଦ ରହିଛି। ଏ ନେଇ ଆୟୋଜକ ଓ ଯାତ୍ରାପ୍ରେମୀଙ୍କ ମହଲରେ ନୈରାଶ୍ୟ ଖେଳିଯାଇଛି।

# ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ସବୁ ଦଳର ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୧୯।୫ (ଜଗନ୍ନାଥ ଧଳ)**

■ ନବାଗତ ଓ ହେଭିୱେଟଙ୍କ ଲଢ଼େଇ
■ ଲୋକସଭା ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା



ଅଂଶୁମାନ ମହାନ୍ତି



ବୈଜୟନ୍ତ ପଣ୍ଡା



ସିଦ୍ଧାର୍ଥସ୍ୱରୂପ ଦାସ

ରାଜ୍ୟର ଚତୁର୍ଥ ଓ ଦେଶର ସପ୍ତମ ତଥା ଚୂଡାନ୍ତ ପର୍ଯ୍ୟାୟ ଭୋଟ ଗ୍ରହଣ ଆସନ୍ତା ଜୁନ ୧ରେ ହେବ। ଏହି ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଜିଲାର ଲୋକସଭା ଆସନ ଓ ଏହା ଅନ୍ତର୍ଗତ ବିଧାନସଭା କ୍ଷେତ୍ରରେ ନିର୍ବାଚନ ତାତି ଜୋର ଧରିଛି। ମିଶ୍ରଣ ପର୍ବ ସହିତ ଗ୍ରାମ ଓ ସହରରେ ରାଜ୍ୟର ପ୍ରମୁଖ ୩ ରାଜନୈତିକ ଦଳର ପ୍ରଚାର ଆରମ୍ଭ ହୋଇଛି। ତେବେ ଏହା ଶେଷ ପର୍ଯ୍ୟାୟରେ ନିର୍ବାଚନ ଥିବାରୁ ସବୁ ଦଳର ଫୋକସରେ ଏହି ଜିଲା ରହିବ। ଏବେ ଭାଜପା ଓ ବିଜେଡି ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ସେହିପରି କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର ଗାଡି ଅପେକ୍ଷାକୃତ କମ୍ ଥିବା ଦେଖାଯାଉଛି। ଚଳିତ ଥର ଜିଲାର ପ୍ରାର୍ଥୀଙ୍କ ମଧ୍ୟରେ ହେଭିୱେଟ ବନାମ ନବାଗତଙ୍କ ଲଢ଼େଇ ହେଉଛି। ଆଳି ବିଧାନସଭା କ୍ଷେତ୍ରରେ ବିଜେଡିର ପ୍ରତାପ ଦେବଙ୍କ ସହ କଂଗ୍ରେସ ପ୍ରାର୍ଥୀ ଡ. ଦେବସ୍ମିତା ଶର୍ମା ଟକ୍କର ଜୋରଦାର ବୋଲି ଆଲୋଚନା ହେଉଛି। ସେହିପରି ରାଜନଗରର କଂଗ୍ରେସ ପ୍ରାର୍ଥୀ ଅଶୋକ ପ୍ରତିହାରୀ ସହ ବିଜେଡିର ଧ୍ରୁବ ସାହୁଙ୍କ ମୁକାବିଲା ହେବାକୁ ଯାଉଛି। ପାଟକୁରାରେ ତିନି ନବାଗତଙ୍କ ମଧ୍ୟରେ ଲଢ଼େଇ ହେବ। ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଓ କଂଗ୍ରେସ ପ୍ରାର୍ଥୀ ରତିକାନ୍ତ କାନୁନଗୋଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେବାକୁ ଥିବା ବେଳେ ଭାଜପା ପ୍ରାର୍ଥୀ ତେଜେଶ୍ୱର ପରିଡାଙ୍କ ଭୋଟ ନିର୍ଣ୍ଣାୟକ ହେବ। ମହାକାଳପଡ଼ାରେ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧୀ ଭାଜପା ପ୍ରାର୍ଥୀ ଦୁର୍ଗାପ୍ରସନ୍ନ ନାୟକ ପ୍ରଚାର ଚଳାଇଛନ୍ତି। ସେହିପରି କେନ୍ଦ୍ରାପଡ଼ା ବିଧାନସଭା ଆସନ ବିଜେଡି ପ୍ରାର୍ଥୀ ଗଣେଶ୍ୱର ବେହେରା ଓ ଭାଜପା ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ ମଧ୍ୟରେ ପ୍ରଚାର ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେଉଛି। ମିଶ୍ରଣ ପର୍ବରେ ନେତାଙ୍କ ଦଳ ବଦଳ ଏବେ ରୋଚକ ସ୍ଥିତିରେ ଅଛି। ପ୍ରତ୍ୟହ ବିଭିନ୍ନ ଦଳର ମିଶ୍ରଣ ପର୍ବ ଚାଲିଛି। ଅପରପକ୍ଷେ ଲୋକସଭା ଆସନରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ଏଠାରେ ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତି, ଭାଜପାର ବୈଜୟନ୍ତ ପଣ୍ଡା ଓ କଂଗ୍ରେସର ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ ନିର୍ବାଚନ ମଇଦାନରେ ଅଛନ୍ତି।

ରାଜନୈତିକ ବିଶ୍ଳେଷକ ଅମରବର ବିଶ୍ୱାଳ, ନିହାର ରଞ୍ଜନ ପ୍ରଧାନ, ପ୍ରଭାତ କୁମାର ତ୍ରିପାଠୀ, ସାର ଜେନା ପ୍ରମୁଖ କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନର ପ୍ରଭାବ ଏହି ନିର୍ବାଚନରେ ଦେଖିବାକୁ ମିଳୁଛି। ଗତ ନିର୍ବାଚନରେ ଜିତିଥିବା ଏମ୍‌ପି ଅନୁଭବ ମହାନ୍ତି ଗତ ୪ ବର୍ଷ ଧରି କେନ୍ଦ୍ରାପଡ଼ା ଜିଲାର ଉନ୍ନୟନ କ୍ଷେତ୍ରରେ ହାତ ମାରି ନାହାନ୍ତି। ଏପରି କି ନିର୍ବାଚନମଣ୍ଡଳୀ ଗସ୍ତକୁ ଅତିମାତ୍ରାରେ ସୀମିତ କରିଥିଲେ। ଏହାର ପ୍ରଭାବ ବିଜେଡି ପ୍ରାର୍ଥୀଙ୍କ ଉପରେ ପକାଉଛି। ସେହିପରି ଗତ ନିର୍ବାଚନରେ ହାରିଥିବା ଓ ଚଳିତ ଥର ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଗତ ୪ ବର୍ଷ ଧରି ବିଭିନ୍ନ ସମସ୍ୟାରେ ନୀରବ ରହିଛନ୍ତି। ଅପରପକ୍ଷେ ଖରସ୍ରୋତା ପାଣି ଆନ୍ଦୋଳନ, ମେଡିକାଲ କଲେଜ, ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା, ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା, କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ସମସ୍ତଙ୍କୁ ପାନୀୟ ଜଳ ଆଦି ସମସ୍ୟାର ସମାଧାନ ଦାବିରେ କଂଗ୍ରେସ ଗତ ୪ ବର୍ଷରେ ଆଗୁଆ ଥିଲା। କିନ୍ତୁ ବିଜେଡି ଏସବୁ ସମସ୍ୟାର ସମାଧାନ ଅପେକ୍ଷା କଂଗ୍ରେସର ହେଭିୱେଟ ନେତା ଅଂଶୁମାନ ମହାନ୍ତି ଓ ଗଣେଶ୍ୱର ବେହେରାଙ୍କୁ ପ୍ରାର୍ଥୀ କରିଛି। ହେଭିୱେଟ ନେତା ଅଂଶୁମାନ ଓ ବୈଜୟନ୍ତଙ୍କ ମଧ୍ୟରେ ଟକ୍କର ହେବ ବୋଲି କୁହାଯାଉଥିବା ବେଳେ ନବାଗତ ସିଦ୍ଧାର୍ଥ ସ୍ୱରୂପ ପୂର୍ବ ନିର୍ବାଚନ ଅପେକ୍ଷା ଏଥର ଭଲ ପ୍ରଦର୍ଶନ କରିବେ ବୋଲି ଚର୍ଚ୍ଚା ହେଉଛି। ଆସନ୍ତା ସପ୍ତାହଠାରୁ ରାଜ୍ୟ ଓ ଜାତୀୟସ୍ତରର ନେତାଙ୍କ ଏହି ଜିଲା ଗସ୍ତ ଥିବାରୁ ପ୍ରଚାର କାର୍ଯ୍ୟ ଆହୁରି ରୋଚକ ସ୍ଥିତି ରହିବ ବୋଲି ସେମାନେ ଆକଳନ କରିଛନ୍ତି।

# ଆଜି ଦଶପଲ୍ଲାରେ ଭୋଟ



ଖବରଦାତା ସମ୍ମିଳନୀରେ ଏସ୍‌ପି ରାହୁଲ ଜୈନ ସୂଚନା ଦେଉଛନ୍ତି।



ବୁଥ୍‌କୁ ବାହାରିଥିବା ପୋଲିଂ ପାର୍ଟି।



ସୀମାନ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଚାଲିଛି।

■୧୪୦ ସେନ୍‌ସିଟିଭ କ୍ରିଟିକାଲ ବୁଥ୍‌ରେ ୱେବ କାଷ୍ଟିଂ

■ଅଭିଯୋଗର ୧୫ ମିନିଟ୍ ଭିତରେ ପୋଲିସ ପହଞ୍ଚିବ

ନୟାଗଡ଼,୧୯।୫(ଲୋକନାଥ ମିଶ୍ର)

ସୋମବାର ୨ୟ ପର୍ଯ୍ୟାୟ ନିର୍ବାଚନ। କନ୍ଧମାଳ ଲୋକସଭା କ୍ଷେତ୍ର ସମେତ ୩୫ ବିଧାନସଭା ଆସନରେ ମତଦାନ ହେବ। ମତଦାନକୁ ଶାନ୍ତି, ଶୃଙ୍ଖଳା ଓ ଅବାଧରେ କରାଇବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଲାଗି ପଡିଛନ୍ତି। ରବିବାର ପୋଲିଂ ପାର୍ଟି ବୁଥ୍‌ରେ ପହଞ୍ଚି ସାରିଛନ୍ତି। ଏହି ଅବସରରେ ପୋଲିସ ପ୍ରଶାସନ ପକ୍ଷରୁ ଜିଲା ପୋଲିସ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀ କରି ନୟାଗଡ଼ ଏସ୍‌ପି ରାହୁଲ ଜୈନ କହିଛନ୍ତି, ନିର୍ବାଚନରେ କୌଣସି ପ୍ରକାରର ହିଂସା ଓ ଅବ୍ୟବସ୍ଥାକୁ ପ୍ରଶୟ ଦିଆଯିବ ନାହିଁ। ଦଶପଲ୍ଲା ନିର୍ବାଚନ ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପ୍ରସ୍ତୁତି ଅଛି। ପୋଲିଂ ପାର୍ଟି ବୁଥ୍‌ରେ ପହଞ୍ଚି ସାରିଛନ୍ତି। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୨୩୪ଟି ବୁଥ୍‌ରେ ମତଦାନ କରିବା ପାଇଁ ବ୍ୟବସ୍ଥା ହୋଇଛି। ୨୩୪ଟି ବୁଥ୍‌କୁ ୩୬ ସେକ୍ଟରରେ ଭାଗ କରାଯାଇ ୩୬ ଜଣ ମାଜିଷ୍ଟ୍ରେଟ ନିୟୋଜିତ ଅଛନ୍ତି। ଅନ୍ୟପକ୍ଷେ ୨୦ ପୋଲିସ ମୋବାଇଲ ପାର୍ଟି, ୭ଜଣ ସେକ୍ଟର ଅଫିସର, ୨ଜଣ ସୁପରଭାଇଜିଂ ଅଫିସର ନିୟୋଜିତ ଅଛନ୍ତି। ଅତିରିକ୍ତ ଏସ୍‌ପି ସୁପରଭାଇଜିଂ କରିବେ। କୌଣସି ବୁଥ୍‌ରେ କିଛି ଅସୁବିଧା ଓ ଅଘଟଣ ହେଲେ ଅଭିଯୋଗ ମିଳିଲେ ୧୫ ମିନିଟ ଭିତରେ ପୋଲିସ ପହଞ୍ଚିବ। ଶନିବାର ଅପରାହ୍ନ ୫ଟାରୁ ବୌଦ୍ଧ-ବାଣିଗୋଛା, ଓଡ଼ଗାଁ-ତାରସିଂ, ଦଶପଲ୍ଲାର-ପଙ୍କୁଆ, ନୟାଗଡ଼ ସଦର ଥାନାର-ଦୁଦୁରା ସୀମାନ୍ତ ଅଞ୍ଚଳ ସିଲ୍ ହୋଇଛି। ବାଇକ୍ ସହ ଯାନବାହାନ ଯାଞ୍ଚ କରାଯାଉଛି। ଲଜ୍, ଗେଷ୍ଟ ହାଉସ୍ ଚେକିଂ ଚାଲିଛି। ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରତି ବୁଥ୍‌ରେ ପୋଲିସ ପର୍ସନାଲ, ମୋବାଇଲ ଟିମ୍, ଟ୍ରାଇକିଂ ଫୋର୍ସ ରହିବେ। ସେହିଭଳି ସେଣ୍ଟ୍ରାରାଲ କଣ୍ଟ୍ରୋଲ ରୁମ୍ କରାଯାଇଛି। ୬ଟି ମୋଟର ସାଇକେଲ ପାର୍ଟି , ୭ ସେକ୍ସନ ଷ୍ଟ୍ରାକିଂ ଫୋର୍ସ, ୨ ସେକ୍ସନ କୁଇକ ରେସ୍ପନସ ଟିମ ଓ ୧ ଟିମ୍ ଡିବିଏଫ୍ ମୁତୟନ ଅଛନ୍ତି। ସିଆରପିଏଫ, ଏସ୍‌ଓଜି ଓ ଡିବିଏଫ୍ ମିଳିତ ଅପରେଶନ, ଆଣ୍ଟି ନକ୍ସଲ ଅପରେଶନ ଓ କୋମ୍ବିଂ ଅପରେଶନ ଜାରି ରହିଛି। ୧୪୦ ସେନସିଟିଭ କ୍ରିଟିକାଲ ବୁଥ୍‌ରେ ୱେବ କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ୨୭ ଭିଡିଓ ଗ୍ରାଫର, ୨୯ ଫଟୋଗ୍ରାଫରଙ୍କୁ ସେନସିଟିଭ ବୁଥ୍‌ରେ ନିଯୁକ୍ତି ଦିଆଯାଇଛି। ଜିଲାପାଳଙ୍କ ଅଫିସରରେ ଇଟିଂ ଗ୍ରେଟେଡ କଂଟ୍ରୋଲ ରୁମ ଓ ଜିଲା ପୋଲିସ କାର୍ଯ୍ୟାଳୟରେ କଂଟ୍ରୋଲ ରୁମ୍ ହୋଇଛି। ୱେବ କାଷ୍ଟିଂ ହୋଇଥିବା ୧୪୦ବୁଥ୍‌ର ଜୀବନ୍ତ ଦୃଶ୍ୟ ଜିଲାପାଳଙ୍କ କଣ୍ଟ୍ରୋଲ ରୁମରେ ଦେଖାଯାଇ ପାରିବ। ଦୁଇ ସିଫ୍ଟରେ ୨୪ଟି ଫ୍ଲାଇଂ ସ୍କ୍ୱାର୍ଡ ପରିକ୍ରମା କରୁଛନ୍ତି। ସେହିଭଳି ଷ୍ଟାଟିକ୍ ସର୍ଭେଇଲାନ୍ସ ଟିମ୍ ନିୟୋଜିତ ହୋଇଛନ୍ତି। ସିସିଟିଭି କ୍ୟାମେରା ଲଗାଇ ମନିଟରିଂ ଚାଲିଛି। ସବୁ ମୋବାଇଲ ପାର୍ଟିଙ୍କ ଜିପିଏସ୍ ବ୍ୟବସ୍ଥା ଅଛି। ମୋବାଇଲ ପାର୍ଟି ସହ କଣ୍ଟ୍ରୋଲ ରୁମରୁ ମନିଟଂରି କରାଯାଇ ପାରୁଛି। ଫୋନର ସୁବିଧା ନ ଥିବା ୨୪ ସ୍ୟାଡୋ ବୁଥ୍ ପାଇଁ ସ୍ୱତନ୍ତ୍ର କମ୍ୟୁନିକେଶନ ପ୍ଲାନ କରାଯାଇଛି। ସବୁ ସ୍ୟାଡ ବୁଥ୍‌ରେ ଭିଏଚ୍‌ଏଫ ୱାକିଟପି ଇନ୍‌ଷ୍ଟଲ ହୋଇଛି। ସେମାନେ ସିଧାସଳଖ ପୋଲିସ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ କରିପାରିବେ। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ମୋବାଇଲ ପାର୍ଟି ଘୁରି ବୁଲୁଛନ୍ତି ବୋଲି ଏସ୍‌ପି କହିଛନ୍ତି।

## ୧.୯୦ ଲକ୍ଷ ଭୋଟର ବାଛିବେ ନେତା

ନୟାଗଡ଼,୧୯।୫(ଲୋକନାଥ ମିଶ୍ର)

**ଦଶପଲ୍ଲା ନିର୍ବାଚନମଣ୍ଡଳୀ**

କନ୍ଧମାଳ ଲୋକ ସଭା କ୍ଷେତ୍ରର ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୯୮ ହଜାର ୫୬୫ ପୁରୁଷ ଭୋଟର ଓ ୯୧ ହଜାର ୯୪୧ ମହିଳା ଭୋଟର ଏପରି ମୋଟରେ ୧ ଲକ୍ଷ ୯୦ ହଜାର ୫୧୬ ଭୋଟର ବିଧାୟକ ଓ ଏମ୍‌ପି ପରି ଲୋକପ୍ରତିନିଧିଙ୍କୁ ଚୟନ କରିବେ। ଦଶପଲ୍ଲା ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ବିଜେଡିର ରମେଶ ଚନ୍ଦ୍ର ବେହେରା, ଭାଜପାର ରାଘବ ମଲିକ, କଂଗ୍ରେସର ନକୁଳ ନାୟକ, ମାନସ ଲୋକଶକ୍ତି ଦଳର ସନ୍ତୋଷ ନାୟକ, ବହୁଜନ ସମାଜ ପାର୍ଟି କାହ୍ନୁ ଚରଣ ନାୟକ,ସ୍ୱାଧୀନ ପ୍ରାର୍ଥୀ ଭାବେ ଇନ୍ଦୁମତି ନାୟକ, ସୁରଥ ନାୟକ ଓ ରବୀନ୍ଦ୍ର ସେଠୀ ପ୍ରମୁଖ ୮ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। କିଏ ଦଶପଲ୍ଲା ବିଧାୟକ ହେବ, ଭୋଟର କାହା ମୁଣ୍ଡରେ ସୁନା କଳସ ଢ଼ାଳିବେ ସମୟ କହିବ। ତେବେ ଭୋଟର ନୀରବତା ଅବଲମ୍ବନ କରିଛନ୍ତି।

**ସଖୀ, ଭିନ୍ନକ୍ଷମ ବୁଥ୍**

ଜିଲାରେ ୯୩୭ ବୁଥ୍ ରହିଥିବାବେଳେ ଦଶପଲ୍ଲା ନିର୍ବାଚନମଣ୍ଡଳୀର ଗଣିଆ ବ୍ଲକ୍‌ରେ ୪୧, ଦଶପଲ୍ଲା ବ୍ଲକ ଓ ଏନଏସିରେ ୧୦୦, ନୂଆଗାଁ ବ୍ଲକରେ ୯୩ ବୁଥ୍ ଏପରି ମୋଟରେ ୨୩୪ ବୁଥ୍ ରହିଛି। ଅନ୍ୟପକ୍ଷେ ଜିଲାରେ ୧୨୦ ସଖୀ ବୁଥ୍ ଥିବାବେଳେ ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୨୨ବୁଥ୍ ସଖୀ ବୁଥ୍ ହୋଇଛି। ସେହିଭଳି ଭିନ୍ନକ୍ଷମଙ୍କ ବୁଥ୍ ଦଶପଲ୍ଲା ନିର୍ବାଚନମଣ୍ଡଳୀର ନୂଆଗାଁରେ ୧ ଓ ଗଣିଆ ବ୍ଲକରେ ୧ ଏପରି ୨ଟି ରହିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଭୂ



@ ବିକାଶ



@ ପ୍ରଭାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦଶପଲ୍ଲାରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଦଶପଲ୍ଲା,୧୯।୫(ପ୍ରକାଶ କୁମାର ପାଣି)

ସୋମବାର ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ମତଦାନ ପୂର୍ବରୁ ରବିବାର ସନ୍ଧ୍ୟାରେ ଦଶପଲ୍ଲା ପୋଲିସ ପକ୍ଷରୁ ଏକ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନ ଯେପରି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେଥିପାଇଁ ଏହି ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା । ଏଥିରେ ତ୍ରିପୁରା ଆର୍ମି ଫୋର୍ସ ଏବଂ ଦଶପଲ୍ଲା ଥାନା ପୋଲିସ ଯୋଗଦାନ କରିଥିଲେ । ଏହି ଫ୍ଲାଗ୍‌ମାର୍ଚ୍ଚ ଦଶପଲ୍ଲା ଥାନାରୁ ବାହାରି ନଗର ପରିକ୍ରମା କରି ତ୍ରିନାଥ ବଜାର ପର୍ଯ୍ୟନ୍ତ ଯାଇଥିଲା । ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଫ୍ଲାଗ୍‌ମାର୍ଚ୍ଚରେ ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଦଶପଲ୍ଲା ଥାନା ଆଇଆଇସି ମୁକେଶ କୁମାର ବେହେରା, ଏଏସ୍‌ଆଇ ସ୍ନେହଲତା ପ୍ରଧାନ, ନିକିତା ତ୍ରିପାଠୀ,ଟି.କେ.ପଟ୍ଟନାୟକ, ଜୟ ଚନ୍ଦ୍ର ଦଳେଇ,ଅରୁଣ ଜେନା ଶିବ ଚରଣ ପ୍ରଧାନ ସମେତ ସମସ୍ତ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ ।



ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ତ୍ରିପୁରା ଆର୍ମି ଫୋର୍ସ।

## କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର

ଓଡ଼ଗାଁ,୧୯।୫
(ଆଦର୍ଶ କୁମାର ପଟ୍ଟନାୟକ)

ଚଳିତ ୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ନୟାଗଡ଼ ବିଧାନସଭା ମଣ୍ଡଳ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ବିଧାୟକ ପ୍ରାର୍ଥୀମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ହେଉଛି । ରବିବାର ଜାତୀୟ କଂଗ୍ରେସର ବିଧାୟକ ପ୍ରାର୍ଥୀ ରଞ୍ଜିତ ଦାସ ଓଡ଼ଗାଁ ବ୍ଲକ୍‌ର ୧୮ ପଞ୍ଚାୟତର ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କରିଛନ୍ତି। ରବିବାର କୁରାଳ ଚଣ୍ଡୀଛକ ଠାରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ଯୋଗଦେଇ ଓଡ଼ିଶାରେ କଂଗ୍ରେସ ସରକାର ଗଠନ କଲେ ୨ଶହ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ୍ ଛାଡ଼, ବେକାରୀ ଭତ୍ତା ପ୍ରଦାନ, ବେକାର ଯୁବକମାନଙ୍କ ନିଯୁକ୍ତି, କୃଷି ଋଣ ଛାଡ ପରି ନିର୍ବାଚନ ଇସ୍ତାହାରରେ ଥିବା ସମସ୍ତ ଯୋଜନା କାର୍ଯ୍ୟକାରୀ କରିବାର ପ୍ରତିଶ୍ରୁତି ଦେଇଥିଲେ। ତାଙ୍କୁ ବିଜୟ କରିବାକୁ ସେ ନିବେଦନ କରିଥିଲେ । ବିଧାୟକ ପ୍ରାର୍ଥୀଙ୍କ ସହିତ ପିସିସି ମିଡିଆ ଅଧ୍ୟକ୍ଷ ଡ. ବିଶ୍ୱ ରଞ୍ଜନ ମହାନ୍ତି, କଂଗ୍ରେସ ରାଷ୍ଟ୍ରୀୟ ପ୍ରବକ୍ତା ପ୍ରଭାତ କୁମାର, ନୟାଗଡ଼ ଜିଲ୍ଲା କଂଗ୍ରେସ ଉପସଭାପତି ଆମଜାଦ ଖାନ୍, ଜିଲା ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ଦିଲୀପ କୁମାର ବିଶୋଇ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ଜାତୀୟ କଂଗ୍ରେସ ପ୍ରାର୍ଥୀମାନଙ୍କୁ ବିଜୟ କରିବାକୁ ଭୋଟରମାନଙ୍କୁ ନିବେଦନ କରିଥିଲେ ।

## ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

ଓଡ଼ଗାଁ,୧୯।୫
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ ଭଞ୍ଜ ମଣ୍ଡପରେ ଅନୁଷ୍ଠିତ ଶ୍ରୀରଘୁନାଥ ଚିନ୍ତନ ଚକ୍ର ଆନୁକୂଲ୍ୟରେ ୯ ଦିନ ଧରି ଚାଲିଥିବା ୪୭ତମ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ୯ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଦୀପ କୁମାର ଜେନା, ସାରଦା ପ୍ରସନ୍ନ କର, ସନ୍ଥ ସନ୍ତୋଷ ଶ୍ରୀ ଚୈତନ୍ୟ ପ୍ରବକ୍ତା ଭାବେ ଯୋଗ ଦେଇ ମନୁଷ୍ୟ ସମାଜକୁ ସତପଥରେ ଆଗେଇ ନେବାକୁ ରାମନାମର ମହାତ୍ମ୍ୟ ଠାରୁ ଆରମ୍ଭ କରି ଅଭିଷେକ ଓ କଳିଯୁଗ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ପ୍ରବଚନ ଶ୍ରବଣ କରିଥିଲେ । ପ୍ରବଚନ କାର୍ଯ୍ୟକ୍ରମର ଅନ୍ତିମ ଚରଣରେ ସନ୍ଥ ସଚ୍ଚିଦାନନ୍ଦ ଦାସ ଜୀ ମହାରାଜଙ୍କୁ ବ୍ୟାସ ଆସନରେ ବସାଇ ସମସ୍ତ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ୯ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ସଭାପତି ଦିଲୀପ କୁମାର ହୋତା ଓ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ର ପରିଚାଳନା କରିଥିଲେ । ଉପଦେଷ୍ଟା ସୁବାସ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ସ୍ୱାଇଁ, ଶ୍ରୀମନ୍ତ ମହାରଣା, ସୁକାନ୍ତ କୁମାର ସାହୁ, ନିରଞ୍ଜନ ସାହୁ ଏବଂ ଓଡ଼ଗାଁର ବହୁ ଶ୍ରଦ୍ଧାଳୁ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଖଣ୍ଡପଡ଼ାରେ ସଂତୃପ୍ତ, ସାବିତ୍ରୀଙ୍କ ରୋଡ୍ ଶୋ

ଖଣ୍ଡପଡ଼ା,୧୯।୫
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଧାନସଭାକ୍ଷେତ୍ରରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଧାୟିକା ପ୍ରାର୍ଥୀ ସାବିତ୍ରୀ ପ୍ରଧାନ ଓ କଟକ ଲୋକସଭା ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ରବିବାର ପୂର୍ବାହ୍ନରେ କଣ୍ଟିଲୋ ପଞ୍ଚାୟତ ଅଞ୍ଚଳରେ ରୋଡ଼ ଶୋ କରିବା ସହ ନିର୍ବାଚନ ପ୍ରଚାର କରିଛନ୍ତି ।

ଖଣ୍ଡପଡା ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ବିକାଶଧାରାକୁ ଆଗକୁ ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କ ହାତମୁଠାକୁ ଟାଣ କରିବା ସହ ଯୋଡି ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଧାୟିକା ପ୍ରାର୍ଥୀ ପ୍ରଧାନ ଓ ସାଂସଦ ପ୍ରାର୍ଥୀମିଶ୍ରଙ୍କୁ ବିଜୟୀ କରିବାକୁ ଆଶୀର୍ବାଦ ଭିକ୍ଷା କରିଥିଲେ । ଉଭୟ ପ୍ରାର୍ଥୀ କଣ୍ଟିଲୋ ମେଡିକାଲ ଛକରୁ ଶତାଧିକ ସମର୍ଥକ ଓ ମହିଳାଗୋଷ୍ଠୀଙ୍କ ସହ ବାହାରି ଗ୍ରାମ ପରିକ୍ରମା କରିବା ସହ ଯୋଡହସ୍ତରେ ଅଞ୍ଚଳବାସୀଙ୍କୁ ଭେଟି ସେମାନଙ୍କ ଆଶୀର୍ବାଦ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ମାଧବଚନ୍ଦ୍ର ସାହୁ, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଭାପୁର ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବ୍ଲକ ବିଜେଡି ଉପସଭାପତି ଭରତ ଚନ୍ଦ୍ର ବେହେରା, ଭାପୁର ବିଜେଡି ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ ।




ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ସାବିତ୍ରୀ ପ୍ରଧାନ ରୋଡ ଶୋ କରୁଛନ୍ତି।

## ବଡ଼ସିଲିଙ୍ଗା ପଞ୍ଚାୟତର ୧୦ ଗାଁରେ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ

■ସନ୍ଧ୍ୟା ହେଲେ କାଠ ଗଣ୍ଡିରେ ନିଆଁ ଲଗାଇ ବିତେ ଜୀବନ

■ସବୁଦିନିଆ ରାସ୍ତା ଓ ଟେଲିଫୋନ୍ ଟାୱାର ସ୍ୱପ୍ନ

ନୟାଗଡ଼,୧୯।୫(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗଣିଆ ବ୍ଲକ୍ ବଡସିଲିଙ୍ଗା ପଞ୍ଚାୟତର ଡମାଘାଟି, ସେନେପେରୀ, ଡୁଇସିଙ୍ଗ, ବେଦାଡି, କୁମୁରୀ, ସଲପଗଣ୍ଡା, ମୂଷିଗୁଡା, ଡୁଇସିଙ୍ଗ, ବାଙ୍କଝରୀ, ସେନେପେରୀ ପରି ୧୦ ଆଦିବାସୀ ଅଧ୍ୟୁଷିତ ଗାଁରେ ବିଦ୍ୟୁତ୍ ନାହିଁ। ପୁଣି ସଂପୃକ୍ତ ଗାଁଗୁଡିକୁ ରାସ୍ତା ନାହିଁ। ଡିଜିଟାଲ ଯୁଗରେ ଗାଁକୁ ରାସ୍ତା ନ ଥିବା, ବିଦ୍ୟୁତ୍ ଆଲୋକ ସ୍ୱପ୍ନ ହେବା ଓ ଟେଲିଫୋନ ଟାୱାର ନ ଥିବା ଘଟଣା ସରକାରଙ୍କ ବିକାଶର ଡିଣ୍ଡିମକୁ ପ୍ରଶ୍ନବାଚୀ ଲଗାଇଛି। ସନ୍ଧ୍ୟା ହେଲେ ଆଦିବାସୀ ପରିବାର କାଠ ଗଣ୍ଡି ଅଥବା ଡିବିରୀ ଲଗାଇ ଚଳିଥାନ୍ତି।

ଦେଶ ସ୍ୱାଧୀନତା ପାଇବାର ୭୫ ବର୍ଷ ପରେ ବି ଡମାଘାଟି, ସେନେପେରୀ, ଡୁଇସିଙ୍ଗ, ବେଦାଡି, କୁମୁରୀ, ସଲପଗଣ୍ଡା, ମୂଷିଗୁଡା, ଡୁଇସିଙ୍ଗ, ବାଙ୍କଝରୀ, ସେନେପେରୀ ଗାଁର ଆଦିବାସୀ କାଠ ଗଣ୍ଡିରେ ନିଆଁ ଜାଳି ଅଥବା ଡିବିରୀ ଜାଳି ରାତି କଟାଉଛନ୍ତି। ପୁଣି ସବୁ ଗାଁକୁ ସବୁଦିନିଆ ରାସ୍ତା ନାହିଁ। ବସାଗଣ୍ଡ ଛକଠାରୁ ଡୁଇସିଙ୍ଗ ରାସ୍ତାର ମଝିରେ ବସାଗଣ୍ଡ ଓ ସିଲଟି ନାଳ ରହିଛି। ସଂପୃକ୍ତ ରାସ୍ତା ବୌଦ୍ଧ ଜିଲାକୁ ସଂଯୋଗ କରୁଛି। ବସାଗଣ୍ଡ ଛକଠାରୁ ଡୁଇସିଙ୍ଗ ରାସ୍ତା କାର୍ଯ୍ୟ ସହ ଏଥିରେ ପଡୁଥିବା ବସାଗଣ୍ଡ ନାଳ ଓ ସିଲଟି ନାଳର ପୋଲ ପାଇଁ ପ୍ରାୟ ୫କୋଟି ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିବା ସୂଚନା ମିଳିଛି। ମୁଣ୍ଡ ଉପରେ ବର୍ଷା ଋତୁ ଆସୁଥିଲେ ହେଁ କାମ ହେଉନି। ଏଣୁ ଲୋକ ଅସନ୍ତୋଷ ସହ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ ପ୍ରଫୁଲ ଜାନି, ଯୁଗଳ ଜାନୀ ଓ ନିର୍ଜନ ମଲିକ କୁହନ୍ତି,ସରକାର ଆଦିବାସୀଙ୍କ ଉନ୍ନତି ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆମ ବଡସିଲିଙ୍ଗା ପଞ୍ଚାୟତର ୧୦ଟି ଗାଁ ଅଣଦେଖା ହୋଇ ରହୁଛି। ବିଧାୟକ ପରେ ବିଧାୟକ ବଦଳୁଛନ୍ତି। ହେଲେ ଆମ ଅଞ୍ଚଳରେ ବିକାଶ ବାଟବଣା ହୋଇ ଯାଇଛି। ଗତ ଥର ସର୍ବନିମ୍ନ ସୁବିଧାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ ବିଧାୟକ। ୫ ବର୍ଷ ପରେ ପୁଣି ଭୋଟ ଆସିଛି। ହେଲେ ଆମ କଥା ମନେ ପଡିଲାନି। ଏବେ ପୁଣି ଭୋଟ ଦେବୁ। ଆମ ସମସ୍ୟା କେବେ ଓ କିପରି ସମାଧାନ ହେଉଛି କହି କ୍ଷୋଭ ଓ ଅସନ୍ତୋଷ ବ୍ୟକ୍ତ କରିଥିଲେ।

**ଜନସ୍ୱାର୍ଥ ମାମଲାର ଶୁଣାଣୀ**

ଗଣିଆ ବ୍ଲକ ବଡସିଲିଙ୍ଗା ପଞ୍ଚାୟତ ମୁସିଗୁଡା ଓ ସଲପଗଣ୍ଡା, ଖଣ୍ଡପଡା ବ୍ଲକର ଗଡିଆସାହି ପଞ୍ଚାୟତର ସାଧୁଆପଲ୍ଲୀ ପରି ୩ଟି ଆଦିବାସୀ ଗାଁରେ ବିଦ୍ୟୁତ୍ ସେବା ପରି ମୌଳିକ ସୁବିଧା ମିଳୁଥିବା ନେଇ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣୀ ଗତ ୧୫ ତାରିଖରେ ହାଇକୋର୍ଟରେ ମୁଖ୍ୟ ବିଚାରପତି ଚକ୍ରଧର ଶରଣସିଂ ଓ ବିଚାରପତି ଏମ୍‌ଏସ୍ ରମାନଙ୍କ ଖଣ୍ଡପୀଠରେ ହୋଇଛି। ହାଇକୋର୍ଟରେ ମୁଖ୍ୟ ବିଚାରପତି ଚକ୍ରଧର ଶରଣସିଂ ଓ ବିଚାରପତି ଏମ୍‌ଏସ୍ ରମାନଙ୍କ ଖଣ୍ଡପୀଠ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ୩ଟି ଗାଁର ସମସ୍ୟା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ୮ ସପ୍ତାହ ଭିତରେ ସତ୍ୟପାଠ ମାଧ୍ୟମରେ ଲିଖିତ ଉତ୍ତର ଦିଅ। ଅନ୍ୟପକ୍ଷେ ମାମଲାକୁ ସ୍ଥଗିତ କରି ଜୁଲାଇ ୩୦ରେ ପୁନଃ ଶୁଣାଣୀ ପାଇଁ ଦିନ ଧାର୍ଯ୍ୟ ହୋଇଛି। ମାମଲାକୁ ଆଇନଜିବୀ ଗୋପାଳ ପ୍ରସାଦ ଜେନା ପରିଚାଳନା କରୁଛନ୍ତି ବୋଲି ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କହିଛନ୍ତି। ରାଜ୍ୟ ସଭାପତିଙ୍କ ସୂଚନା ଅନୁଯାୟୀ, ମୁସିଗୁଡା, ସଲପଗଣ୍ଡା ଓ ସାଧୁଆପଲ୍ଲୀ ଗାଁରେ ରାସ୍ତା ନ ଥିବାବେଳେ ଗାଁରେ ବିଦ୍ୟୁତ୍ ନାହିଁ। ପୁଣି ଫୋନ ଟାୱାର, ସ୍ୱଚ୍ଛ ଭାରତ ମିଶନରେ ପାଇଖାନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁନି। ଗାଁରେ ସର୍ବନିମ୍ନ ସୁବିଧା ନ ଥିବାରୁ ମୁଁ ହାଇକୋର୍ଟରେ ଡବ୍ଲ୍ୟୁପି(ସି) ନଂ ୯୦୦୭ ଅଫ୍ ୨୦୨୪ରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ, ରାଜସ୍ୱ କମିଶନର କଟକ, ନୟାଗଡ଼ ଜିଲାପାଳ, ବିଡିଓ ଖଣ୍ଡପଡ଼ା ଓ ଗଣିଆଙ୍କୁ ପକ୍ଷଭୁକ୍ତ କରାଯାଇଥିଲା ବୋଲି ସେ କହିଛନ୍ତି ।

# ଅବାଧରେ ଚାଲିଛି ବାଲି,ମାଟି ଚୋରା ଚାଲାଣ

■ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ବାଲିଘାଟ ନିୟନ୍ତ୍ରଣ
■ହାଇକୋର୍ଟ ଓ ଏନ୍‌ଜିଟିର ନିର୍ଦ୍ଦେଶକୁ ଉଲ୍ଲଂଘନ

ପଟ୍ଟାମୁଣ୍ଡାଇ,୧୯।୫(କଳ୍ପତରୁ ନାୟକ)


ବ୍ରାହ୍ମଣୀ ନଦୀରୁ ବାଲି ଚାଲାଣ କରାଯାଉଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ଏହି ସୁଯୋଗରେ ଅନେକ କୋଟି ଟଙ୍କାର ଖଣିଜ ସମ୍ପଦ ଲୁଟ୍ ହେବାରେ ଲାଗିଛି। ପ୍ରଶାସନିକ ଅଧିକାରୀଙ୍କ ଜାଣତରେ ରାଜ୍ୟ ସରକାର ରାଜସ୍ୱ ହରାଉଛନ୍ତି। ଏଥିରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀଙ୍କ ହାତ ରହିଛି। ସରକାରୀ ନୀତିନିୟମ ଉଲ୍ଲଂଘନ କରି ବେଆଇନ ବାଲି ଚାଲାଣକାରୀ, ମାଟିଇଟା ବେପାରୀ, ସୁଧ ବେପାରୀ, ଜଙ୍ଗଲରୁ ଗଛ ଚାଲାଣକାରୀ ଓ ସରକାରୀ ଜମି ଜବରଦଖଲକାରୀଙ୍କୁ ସେହି ପ୍ରଭାବଶାଳୀ ବ୍ୟକ୍ତିମାନେ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇର ଲାଇଫ୍ ଲାଇନ ବ୍ରାହ୍ମଣୀ ନଦୀରୁ ପ୍ରତିଦିନ ଶତାଧିକ ହାଇୱା ଗାଡ଼ିରେ ବାଲି, ମାଟି ଚୋରାଚାଲାଣ କରାଯାଉଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ରହିତାଦେଶ ଏବଂ ଓଡ଼ିଶା ହାଇକୋର୍ଟ ସ୍ଥଗିତାଦେଶ ଥିଲେ ସୁଦ୍ଧା ସେହି ବ୍ୟକ୍ତିମାନଙ୍କ ସହଯୋଗରେ ରାତି ଦିନ ବାଲି ଚାଲାଣ ହେଉଛି। ବେଆଇନ ବାଲି ଚାଲାଣ ହେବା ଦ୍ୱାରା ଅନେକ କୋଟି ଟଙ୍କାର ରାଜସ୍ୱ ରାଜ୍ୟ ସରକାର ହରାଉଛନ୍ତି। ବାଲି ଚାଲାଣ ଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତ ପାଇଁ ଉର୍ଦ୍ଦିଷ୍ଟ ରାସ୍ତା ବିପଦସଙ୍କୁଳ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଛି। ଧୂଳି ଉଡ଼ି ଘରଦ୍ୱାରରେ ଜମି ରହୁଛି। ପାଟନାଳିର ପାଣିବାଟ ବନ୍ଦ କରାଯାଇଥିବାରୁ ଚାଷୀ ଚାଷ କରି ପାରୁନାହାନ୍ତି। ନଦୀ ଗତିପଥ ବଦଳାଇ ଚାଷ ଜମି ଓ ଗ୍ରାମ ଆଡକୁ ମାଡ଼ି ଆସୁଛି। ହେଲେ ସାଧାରଣ ଜନତା ଭୟରେ ମୁହଁ ଖୋଲୁ ନାହାନ୍ତି। ଏହି କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନେ ସେହି ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଖଲୋକ ହୋଇଥିବାରୁ ପୋଲିସ, ଜିଲାପ୍ରଶାସନ ଓ ତହସିଲ ପ୍ରଶାସନ ଏଥିପ୍ରତି ନଜର ଦେଉ ନ ଥିବା ଅଭିଯୋଗ ହେଉଛି।

ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବହୁ ମୂଲ୍ୟବାନ୍ ସରକାରୀ ଜମି ବିଶେଷକରି ବେଲତଳ, ଦକ୍ଷିଣଦିଆ, ପଟ୍ଟାମୁଣ୍ଡାଇ ଓ ପୋଖରିଆପଡ଼ା ମୌଜାର ଅନେକ ଜାଗାକୁ କେତେଜଣ ବ୍ୟକ୍ତି ହେରଫେର କରିଛନ୍ତି। ସେମାନେ ସେହି ଜମିକୁ ନିଜ ନାମରେ କରି ବିକ୍ରି କରୁଛନ୍ତି। ଏବାବଦରେ ସ୍ଥାନୀୟ ତହସିଲଦାର ସବୁଜାଣି ମୁହଁ ନ ଖୋଲୁ ନାହାନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନଦୀର ବାଲିଆ ମାଟି ଓ ଗ୍ରାମ୍ୟ ଜଙ୍ଗଲରୁ ବଡ଼ ବଡ଼ ଗଛ କଟାଯାଇ ବେଆଇନ ଭାବେ ଇଟାଭାଟି ଚାଲିଛି। ଏହାର ଧୂଆଁରେ ବୟସ୍କ ଓ ପିଲାମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ହେଲେ ପ୍ରଶାସନ ନୀରବ ରହୁଛି। ଏପରି ବେଆଇନ କାରବାରକୁ ନେଇ ଆପରାଧିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

ଗତ କିଛି ମାସ ହେଲା ବାଲି ଘାଟରେ ୧୪୪ ଧାରା ଲାଗୁ ପରେ ବି ବାଲି ଚାଲାଣ ହେଉଛି। ଖଣି ବିଭାଗ ସବୁ ଜାଣି ଚୁପ୍ ରହୁଛି। ଏହି କାରବାର ପଛରେ ବହୁ ପ୍ରଭାବଶାଳୀଙ୍କ ହାତ ରହିଛି। ଅନ୍ୟପକ୍ଷେ ବାଲି ବେପାରୀଙ୍କ ପାଖଲୋକମାନେ ଗ୍ରାମବାସୀଙ୍କ କବଳରୁ ସୁରକ୍ଷା ଦେଉଛନ୍ତି। ଏଥିପାଇଁ ବେପାରୀ, ପ୍ରଶାସନିକ ଅଧିକାରୀ ଓ ସେହି ଅଞ୍ଚଳର ପ୍ରଭାବଶାଳୀ ବ୍ୟକ୍ତିଙ୍କ ନିକଟକୁ ମାସକୁ ମାସ ଚାନ୍ଦା ପହଞ୍ଚି ଯାଉଛି ବୋଲି ନିଜ ନାମ ଗୋପନ ରଖି ଜଣେ ଲିଜ୍‌ଧାରୀ କହିଛନ୍ତି। ଏଭଳି ବାଲି ଓ ମାଟି ଚାଲାଣ ଯୋଗୁ ଆମ ଖଣିଜ ସମ୍ପଦ ବିଲୁପ୍ତ ହେଉଛି ବୋଲି ଜିଲା ଓବିସି ସେଲ କଂଗ୍ରେସ ଅଧ୍ୟକ୍ଷ ମଳୟ ଦାସ, ବରିଷ୍ଠ ନେତା ରମାକାନ୍ତ ଦାଶ, ମାନସ ରଞ୍ଜନ ମହାନ୍ତି, ଧନେଶ୍ୱର ଦାସ, ଦିଲୀପ କୁମାର ସେଠୀ, ରବିନାରାୟଣ ମିଶ୍ର, ପ୍ରକାଶ ମହାନ୍ତି, ଜଗନ୍ନାଥ ମଲିକ ପ୍ରମୁଖ କହିଛନ୍ତି। ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଅସହାୟ ବିଧବା ମହିଳାଙ୍କ ଉପରେ ଜୁଲମର ପ୍ରତିବାଦ


ଥାନାରେ ଅଭିଯୋଗ କରିବାକୁ ଆସିଥିବା ମହିଳା।

ରାଜକନିକା,୧୯।୫(ସଞ୍ଜୟ କୁମାର ଦାଶ)

## ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ଗରିବ ଅସହାୟ ବିଧବା ମହିଳାଙ୍କ ଉପରେ ହେଉଥିବା ଜୁଲମ ପ୍ରତିବାଦରେ ଅଖିଳ ଭାରତ ପ୍ରଗତିଶୀଳ ମହିଳା ଆସୋସିଏଶନ ପକ୍ଷରୁ କନିକା ତହସିଲଦାର ଓ ରାଜକନିକା ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୋଲିସ ସେହି ମହିଳାମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଛି।

ସୂଚନା ଅନୁଯାୟୀ, କନିକା ତହସିଲ ଅଧୀନ ଆୟତନ ରାଜସ୍ୱ ସର୍କଲ ଖଣ୍ଡେିତା ଗାଁର ସ୍ୱର୍ଗତ ବିଦ୍ୟାଧର ରାଉତଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଜଣେ ଅସହାୟ ବିଧବା ଗରିବ ଭୂମିହୀନ ଗ୍ରୀନକାର୍ଡଧାରୀ। ସେ ଗ୍ରୀନକାର୍ଡ ଧାରୀ ହୋଇଥିବାରୁ ସରକାରଙ୍କ ତରଫରୁ ୧୯୯୦ରେ ତତ୍କାଳୀନ ତହସିଲଦାର ଓ ଆର୍‌ଆଇଙ୍କ ଦ୍ୱାରା ତାଙ୍କୁ ଖଣ୍ଡେିତା ମୌଜାରେ ଏ ୦:୦୮ ଡେସିମିଲି ଜମି ମିଳିଥିଲା। ସେହି ଜମିକୁ ଦଖଲ କରି ସେ ଏକ କଚ୍ଚାଘର ନିର୍ମାଣ କରି ରହି ଆସୁଥିଲେ। ୨୦୧୭ରେ ଉକ୍ତ ଜମିରୁ ଏ ୦:୦୪ ଡେସିମିଲ ଲିଜ ସୂତ୍ରରେ ନେଇ ପଟ୍ଟା ପାଇଛନ୍ତି ଏବଂ ପାଉତି ମଧ୍ୟ କାଟୁଛନ୍ତି। ହେଲେ କୌଣସି କାରଣ ନ ଥାଇ ସେହି ଗାଁର ଜଣେ ବ୍ୟକ୍ତି ଓ ତାଙ୍କ ଭାଇମାନେ ଅନପୂର୍ଣ୍ଣାଙ୍କୁ ହଇରାଣ ହରକତ କରୁଛନ୍ତି। ତାଙ୍କ ସହିତ ଗଣ୍ଡଗୋଳ କରି ସେହି ଜମିରୁ ବେଦଖଲ କରିବା, କଞ୍ଚାବାଡ଼କୁ ହାଣି ଦେବା, ଏମିତିକି ଜମିରେ ଥିବା କଚ୍ଚାଘରକୁ ଭାଙ୍ଗିଦେବା ସହ ମରଣାନ୍ତକ ଆକ୍ରମଣ କରିଛନ୍ତି ବୋଲି ଉକ୍ତ ସଙ୍ଗଠନ ପକ୍ଷରୁ କନିକା ତହସିଲଦାର ଅଶୋକ କୁମାର ଦେହୁରୀ ଓ ଥାନା ଅଧିକାରୀ ଦିଲୀପ କୁମାର ଧଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ୨ଟି ମାମଲା ନ୍ୟାୟାଳୟରେ ବିଚାରଧୀନ ଅଛି ବୋଲି ସୂଚନା ମିଳିଛି। ଅନ୍ନପୂର୍ଣ୍ଣାଙ୍କୁ ନ୍ୟାୟ ସହ ସୁରକ୍ଷା ଯୋଗାଇଦେବା ପାଇଁ ଆସୋସିଏଶନ ରାଜ୍ୟ ସଭାନେତ୍ରୀ ସବିତା ବରଜ, ସମ୍ପାଦିକା ଝରଣା ରାଉତ, ଆଶାଲତା ସାହାଣୀ, ମାନିନୀ ସାହାଣୀ, କୁସୁମଲତା ଜେନା, କବିତା ମହାରଣା, କବିତା ରାଉତ, ଝରଣା ମଲିକ, ସରୋଜିନୀ ବିଶାଳ, ସୁକାନ୍ତୀ ପଡିହାରୀ ପ୍ରମୁଖ ଦାବି କରିଛନ୍ତି। ନଚେତ୍ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ କହିଛନ୍ତି, ଖୁବଶୀଘ୍ର ତଦନ୍ତ କରି ଉଚିତ ପଦକ୍ଷେପ ନିଆଯିବ। ଥାନାଧିକାରୀ ଦିଲୀପ କୁମାର ଧଳ କହିଛନ୍ତି ମହିଳାଙ୍କ ସୁରକ୍ଷା ପ୍ରତି ପୋଲିସ ଦୃଷ୍ଟି ଦେବ।

# ବିଡିଓଙ୍କ କ୍ୱାର୍ଟର୍ସରୁ ଚୋରି ଅଭିଯୋଗ



ରାଜକନିକା,୧୯।୫(ରବୀନ୍ଦ୍ର କୁମାର ଦାସ)

ଶୁକ୍ରବାର ବିଳମ୍ବିତ ରାତିରେ ରାଜକନିକା ବିଡ଼ିଓ ପୃଥୀରାଜ ପରିଡ଼ାଙ୍କ ସରକାରୀ ବାସଭବନରୁ ଚୋରି ହୋଇଥିବା ବିଡ଼ିଓ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାତିରେ ବିଡ଼ିଓ କନିକା ମେଡିକାଲ ରୋଡ଼ସ୍ଥିତ ନିଜ ସରକାରୀ ବାସଭବନରେ ସପରିବାର ଶୋଇଥିବା ବେଳେ ଘର ପଛପଟ ଝରକା ପଟେ କେହି ହାତ ପୁରାଇ ଟେବୁଲ ଉପରେ ଥିବା ମନିପର୍ସ ନେଇଯାଇଛନ୍ତି । ସେହି ମନିପର୍ସରେ ୧ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହିତ ଏଟିଏମ୍, ଆଧାର, ପାନ କାର୍ଡ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଡ ଥିଲା। ଉକ୍ତ କ୍ୱାର୍ଟର୍ସରୁ ଏକାଧିକ ଥର ଚୋରି ହୋଇଥିବା ସେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି।

# ଡେରାବିଶରେ ବୈଜୟନ୍ତଙ୍କ ରୋଡ୍ ଶୋ


ଭାଜପା ପ୍ରାର୍ଥୀମାନେ ରୋଡ୍ ଶୋ’ କରୁଛନ୍ତି।

ଡେରାବିଶ,୧୯।୫(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ର ଅଧୀନରେ ଥିବା ପାଟକୁରା ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ରବିବାର ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ୧୨ନଂ. ଜୋନ୍ ଜିଲା ପରିଷଦ ଅଞ୍ଚଳରେ ରୋଡଶୋ ମାଧ୍ୟମରେ ଭାଜପା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ନିଜ ପ୍ରଚାରକୁ ଜୋରଦାର କରିଛନ୍ତି। ଜୁନ୍ ୧ରେ ଅନୁଷ୍ଠିତ ହେବାକୁ ଥିବା ଭୋଟରେ ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବାକୁ ସେ ଭୋଟରମାନଙ୍କୁ ନିବେଦନ କରିଛନ୍ତି।

ରବିବାର ପୂର୍ବାହ୍ନରେ ଚାଟରାଚକଡା ପଞ୍ଚାୟତର ଫକୀରାବାଦରୁ ଆରମ୍ଭ ହୋଇଥିବା ଏହି ରୋଡ ଶୋ ପଞ୍ଚାୟତର ବିଭିନ୍ନ ଗ୍ରାମ ଦେଇ ଗୋଲରାହାଟ, ବାଲିଆ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା। ବୈଜୟନ୍ତଙ୍କ ଏହି ଶୋଭାଯାତ୍ରାରେ ପାଟକୁରାର ଦଳୀୟ ବିଧାୟକ ପ୍ରାର୍ଥୀ ତେଜେଶ୍ୱର ପରିଡା ମଧ ସାମିଲ ରହି ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଚଳିତ ନିର୍ବାଚନରେ ଦେଶରେ ଓ ଓଡ଼ିଶାରେ ମୋଦିଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଗଠନ ହେବ ବୋଲି ବୈଜୟନ୍ତ ଦୃଢୋକ୍ତି ପ୍ରକାଶ କରିଥିଲେ। ମୋଦି ଗ୍ୟାରେଣ୍ଟି ମନ୍ତ୍ର ପ୍ରତି ସାଧାରଣ ଲୋକଙ୍କ ଅଧିକ ସମର୍ଥନ ରହିଛି। ଓଡ଼ିଶାର ଜନସାଧାରଣଙ୍କ ପାଇଁ ଆସୁଥିବା କେନ୍ଦ୍ରୀୟ ଯୋଜନା ନବୀନ ସରକାର ବାଟମାରଣା କରୁଥିବା ସେ ଅଭିଯୋଗ କରିଛନ୍ତି। ପାଟକୁରା ତଥା କେନ୍ଦ୍ରାପଡ଼ା ଜିଲାର ସାମଗ୍ରୀକ ବିକାଶ ପାଇଁ ଭାଜପା ପ୍ରାର୍ଥୀମାନଙ୍କୁ ନିର୍ବାଚିତ କରିବାକୁ ବୈଜୟନ୍ତ ଅନୁରୋଧ କରିଛନ୍ତି। ଏହି ଶୋଭାଯାତ୍ରରେ କେନ୍ଦ୍ରାପଡ଼ା ଜିଲା ଭାଜପା ସମ୍ପାଦକ ବ୍ରଜେଶ ରଞ୍ଜନ ନାୟକ, ଜିଲା ସମ୍ପାଦିକା ମନିଷା ପଣ୍ଡାଙ୍କ ସମେତ ଦଳୀୟ କର୍ମକର୍ତ୍ତା ବିକ୍ରମାଦିତ୍ୟ ସାହୁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଗିରିଜା ଭୁଷଣ ନାୟକ, ମଣ୍ଡଳ ସଭାପତି କ୍ଷୀରୋଦ ବରାଳ, ବରିଷ୍ଠ ନାରୀନେତ୍ରୀ ପ୍ରମିଳା ସିଂହ, ଚାଟରାଚକଡା ପଞ୍ଚାୟତର ଦଳୀୟ ସଭାନେତ୍ରୀ ପୁଷ୍ପଲତା ସାହୁ, ଗୋଲରାହାଟ ପଞ୍ଚାୟତ ସଭାପତି ବିଶ୍ୱମୋହନ ଦାସ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଦଳୀୟ ସଭାପତି ବିନୋଦ କୁମାର ଭୁୟାଁଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ।

# କଂଗ୍ରେସ ପ୍ରାର୍ଥୀ ଦେବସ୍ମିତା,ସିଦ୍ଧାର୍ଥଙ୍କ ପଦଯାତ୍ରା

ରାଜକନିକା,୧୯।୫
(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ଆଳି ନିର୍ବାଚନମଣ୍ଡଳୀର ରାଜକନିକା ବ୍ଲକ ବରୁଣା ପଞ୍ଚାୟତରେ କଂଗ୍ରେସ ନିଜର ପ୍ରଚାରକୁ ଜୋରଦାର କରିଛି। ବିଧାୟିକା ପ୍ରାର୍ଥୀ ଡାକ୍ତର ଦେବସ୍ମିତା ଶର୍ମା ଓ ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ ଘରକୁ ଘର ବୁଲି ଭୋଟରଙ୍କୁ ଭେଟିବା ସହ ନିଜ ସପକ୍ଷରେ ଭୋଟ ଦେବାକୁ ନିବେଦନ କରିଛନ୍ତି। ଆଳି ନିର୍ବାଚନମଣ୍ଡଳୀରେ ଚାଲିଥିବା ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ନେଇ କଂଗ୍ରେସ ପ୍ରାର୍ଥମୀନେ ଭୋଟରମାନଙ୍କୁ ସଚେତନ କରୁଛନ୍ତି। ଏହି ଅବସରରେ ଦେବସ୍ମିତା କହିଛନ୍ତି ସମଗ୍ର ଆଳି ନିର୍ବାଚନମଣ୍ଡଳୀର ବିକାଶ ହିଁ ତାଙ୍କର ଲକ୍ଷ୍ୟ। ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ବ୍ଲକ ସଭାପତି ମଙ୍ଗୁଳି ଚରଣ ବେହେରା, ପଞ୍ଚାୟତ ସଭାପତି ପ୍ରଦୀପ ପଣ୍ଡା, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଗିରିଧାରୀ ସେଠୀ, ରଞ୍ଜିତ ସେଠୀ, ପ୍ରଫୁଲ୍ଲ ଦାସ, ପ୍ରକାଶ ବେହେରା, କାଶୀନାଥ ନାୟକ, ପଞ୍ଚାନନ ପୁହାଣ, ପ୍ରଭାତ ବରାଳ, ରୂପକ ନାୟକ, ଦୁଷ୍ମନ୍ତ ବେହେରା, ପ୍ରମୋଦ ପତି, ୨୮ନଂ. ଜୋନ୍ ସଭାପତି ସତ୍ୟ ପରିଡା, ସମିତି ସଭ୍ୟ ଶରତ ରାଉତ, ସଞ୍ଜୟ ସାହୁ, ଅଞ୍ଜନ ରାଉତ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।


ସମର୍ଥକଙ୍କ ଗହଣରେ ଦେବସ୍ମିତା।

# ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଯୁବ ଛାତ୍ର ସମାବେଶ

ରାଜନଗର,୧୯।୫(ଭାସ୍କର ରାଉତରାୟ)

## ଧ୍ରୁବ,ଅଂଶୁମାନଙ୍କୁ ସମର୍ଥନ ଘୋଷଣା

ରାଜନଗରସ୍ଥିତ କେସି ହାଉସ୍ ପରିସରରେ ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଯୁବ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଯୁବକ ଯୋଗଦେଇ ରାଜନଗରରେ ଚାଲିଥିବା ବିକାଶ ପ୍ରକ୍ରିୟାରେ ସାମିଲ ହେବା ସହିତ ରାଜନଗରର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ସମର୍ଥନ ଘୋଷଣା କରିଛନ୍ତି । ଏଥି ସହିତ ରାଜନଗରର ବିକାଶ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିବା ସହ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତିଙ୍କୁ ଭୋଟ ଦେବାକୁ ଭୋଟରମାନଙ୍କୁ ଅନୁରୋଧ କରିବେ ବୋଲି ଉକ୍ତ ବୈଠକରେ ନିଷ୍ପତ୍ତି ହୋଇଛି।

ଛାତ୍ର ସୁରକ୍ଷା ମଞ୍ଚର ସାଧାରଣ ସମ୍ପାଦକ ତଥା ଯୁବ ଆଇନଜୀବୀ ଦେବଦତ୍ତ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଉପଦେଷ୍ଟା ଅଧ୍ୟାପକ ସଞ୍ଜୟ କୁମାର ବାଗ ସମାବେଶର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଗତ ୫ ବର୍ଷରେ ରାଜନଗର ନିର୍ବାଚନମଣ୍ଡଳୀରେ ବିକାଶ ପ୍ରକ୍ରିୟା ଚାଲିଛି। ଏହି ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ସାହୁଙ୍କୁ ସଙ୍ଗଠନ ସମର୍ଥନ କରିବ ବୋଲି ଘୋଷଣା କରିଛନ୍ତି। ବୈଠକରେ ବିଧାୟକ ପ୍ରାର୍ଥୀ ସାହୁ କହିଲେ, ଛାତ୍ରୀଛାତ୍ର ଓ ଯୁବକମାନଙ୍କ ମଧ୍ୟରେ ଶୃଙ୍ଖଳା ଓ ଏକତା ରହିଲେ ସେମାନେ ଯେକୌଣସି ପରିସ୍ଥିତିର ମୁକାବିଲା କରିପାରିବେ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁବ, ଛାତ୍ରଙ୍କ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିବା ସହ ଓଡ଼ିଶା ରୂପାନ୍ତରୀକରଣରେ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ବୈଠକରେ ଯୁବନେତା ଜଗବନ୍ଧୁ ନାୟକ, ଛାତ୍ର ସୁରକ୍ଷା ମଞ୍ଚର ସଭାପତି ରାଘବେନ୍ଦ୍ର ମହାନ୍ତି, ଛାତ୍ର ନେତା ବନମାଳୀ ଦାସ, ଅଭୟ ରାଉତ, ଅଭିମନ୍ୟୁ ପରିଡ଼ା ପ୍ରମୁଖ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଆହ୍ୱାନ କରିଥିଲେ ।

# ପେଟପଡ଼ାରେ ବିଜେଡିର ପଦଯାତ୍ରା

ଆଳି,୧୯।୫(ବନମାଳୀ ସେନାପତି)

ରବିବାର ଆଳି ନିର୍ବାଚନମଣ୍ଡଳୀର ୧ ନମ୍ବର ଜୋନର ପେଟପଡା ପଞ୍ଚାୟତରେ ଆଳି ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ପଦଯାତ୍ରା କରି ଭୋଟରମାନଙ୍କୁ ଡବଲ ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି । ଏଥି ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସେ ଭୋଟରମାନଙ୍କ ଅନୁରୋଧ କରିଛନ୍ତି । ଏହି ପଦଯାତ୍ରାରେ ଜିଲା ପରିଷଦ ସଦସ୍ୟ କନକଲତା ବେହେରା, ବ୍ଲକ ସଭାପତି ସନାତନ ମିଶ୍ର,ବ୍ଲକ ବିଜୁ ଜ2ନତା ଦଳ ସଭାପତି କେଦାରନାଥ ବେହେରା, ସରପଞ୍ଚ ଅନୁପମା ପ୍ରିୟଦର୍ଶନୀ, ସମିତିସଭ୍ୟ ସୁଙ୍କାନୀ ଖିଲାର , ପୂର୍ବତନ ସରପଞ୍ଚ ଅଦୈତ ପ୍ରଧାନ, ଶିବ ପ୍ରସାଦ ବେହେରାଙ୍କ ସମେତ ବିଜେଡି କର୍ମୀମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ ।

# ନିଜ ସପକ୍ଷରେ ଭୋଟ ମାଗିଲେ ପ୍ରତାପ, ଅଂଶୁମାନ

ରାଜକନିକା,୧୯।୫
(ସଞ୍ଜୟ କୁମାର ଦାଶ)

## ବିଜେଡିର କର୍ମୀ ସମ୍ମିଳନୀ

ରାଜକନିକା ବ୍ଲକ ଆଖୁଳିପଡା ପଞ୍ଚାୟତ ବର୍ତ୍ତନୀ ଖେଳ ପଡ଼ିଆରେ ବିଜେଡିର କର୍ମୀ ସମ୍ମିଳନୀ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଙ୍ଗଠକ ନୟୁମ ଖାଁଙ୍କ ସଂଯୋଜନା ତଥା ବ୍ଲକ ବିଜେଡି ଯୁବ ସଙ୍ଗଠକ ପବିତ୍ର ରାଉତଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ଆଳି ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଏବଂ କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଯୋଗଦେଇ କର୍ମୀମାନଙ୍କୁ ବିଜେଡିର ସୁଶାସନ,ସଫଳତା ତଥା ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରି ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ବରିଷ୍ଠ ବିଜେଡି ନେତା ବିକାଶ ଚନ୍ଦ୍ର ଦାସ, ପୂର୍ବତନ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲିକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ, ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ଜିଲା ପରିଷଦ ସଭ୍ୟା ଅମିତା ସାହୁ, ସରପଞ୍ଚ ସମଲେତୁନ ବିବି, ସମିତି ସଭ୍ୟା ସୌଦାମିନୀ ପତି ଓ ରାଜକନିକା ବ୍ଲକ ବିଜୁ ଜନତା ଦଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ସଂଯୁକ୍ତା ଶତପଥୀ ପ୍ରମୁଖ ଯୋଗଦେଇ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୯ ପଞ୍ଚାୟତର ନେତୃମଣ୍ଡଳୀଙ୍କ ସମେତ ଯୁବନେତା ବିପ୍ଳବ ବେହେରା, ସୁରେଶ ବେହେରା, ସରାଫ ଅଲ୍ଲୀ, ସତ୍ୟସୁନ୍ଦର ପତି, ବୈଦ୍ୟନାଥ ବିଶାଳ, ସନ୍ତୋଷ ବଳ, ଦେବାଶିଷ ବଳ ଓ କବିନାରାୟଣ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଚାର ମଇଦାନରେ ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର

ଆଳି,୧୯।୫(ବନମାଳୀ ସେନାପତି)


ଭାଜପା ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା ନିର୍ବାଚନ ପ୍ରଚାର କରୁଛନ୍ତି।

ଆଳି ଅଞ୍ଚଳରେ ଖରା ତାତିଠୁ ବଢ଼ି ଯାଇଛି ନିର୍ବାଚନୀ ତାତି । ନିର୍ବାଚନ ତାରିଖ ପାଖେଇ ଆସୁଥିବା ବେଳେ ଆଳି ନିର୍ବାଚନମଣ୍ଡଳୀରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ଦିନରାତି ଏକ କରି ନିଜ ସପକ୍ଷରେ ଭୋଟ ଭିକ୍ଷା କରୁଛନ୍ତି। ଆଳି ନିର୍ବାଚନମଣ୍ଡଳୀରେ ପ୍ରତି ନିର୍ବାଚନରେ ତୃତୀୟ ସ୍ଥାନରେ ରହୁଥିବା ଭାଜପା ଚଳିତ ନିର୍ବାଚନରେ ପ୍ରାର୍ଥୀ ପରିବର୍ତ୍ତନ କରିଛି। ଭାଜପା ବ୍ରଜସୁନ୍ଦର ଭୂୟାଁଙ୍କୁ ଦୁଇଥର ପ୍ରାର୍ଥୀ କରି ସଂଗଠନର ମୂଳଦୁଆ ପକାଇଥିବା ବେଳେ ଭୋଟହାର ମାତ୍ର ୪ ହଜାର ମଧ୍ୟରେ ରହୁଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଦୋଳଗୋବିନ୍ଦ ନାୟକଙ୍କୁ ପ୍ରାର୍ଥୀ କରି ୨୦୧୯ ନିର୍ବାଚନରେ ୨୬ ହଜାର ଭୋଟ ପାଇଥିଲା। ପୂର୍ବତନ ବିଧାୟକ ପ୍ରାର୍ଥୀ ବ୍ରଜସୁନ୍ଦର ଭୂୟାଁ ନିକଟରେ ଦଳ ଛାଡି ବିଜେଡିରେ ସାମିଲ ହୋଇଥିବା ବେଳେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ ଭାଜପା ସହିତ ଜଡିତ ଅଛନ୍ତି । ଚଳିତ ନିର୍ବାଚନରେ ଦଳ ପକ୍ଷରୁ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ପ୍ରାର୍ଥୀ କରାଯାଇଛି । କୃଷ୍ଣଚନ୍ଦ୍ର ଆଳି ନିର୍ବାଚନମଣ୍ଡଳୀର ଆଳି ଓ ରାଜକନିକା ବ୍ଲକର ୬୩ ପଞ୍ଚାୟତରେ ନିଜର ପ୍ରଚାରକୁ ଜୋରଦାର କରିଛନ୍ତି। ମୋଦି ସରକାରଙ୍କ ନାନା ଯୋଜନାକୁ ନେଇ ଘରେ ଘରେ ଭୋଟରମାନଙ୍କୁ ଭାଜପାର ବିଧାୟକ ପ୍ରାର୍ଥୀ ଓ ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡାଙ୍କୁ ଭୋଟ ଦେବାକୁ ନିବେଦନ କରୁଥିବା ଦେଖିବାକୁ ମିଳୁଛି । କେଉଁଠି ମିଶ୍ରଣ ପର୍ବ ତ ଆଉ କେଉଁଠି ମୋଟର ସାଇକେଲରେ ବିଭିନ୍ନ ଗାଁରେ ପହଞ୍ଚି ନିଜ ସପକ୍ଷରେ ଭୋଟରଙ୍କୁ ମନାଉଛନ୍ତି । ଏପରି କି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପାଇଁ ତାଙ୍କ ସ୍ତ୍ରୀ ଓ ଝିଅ ମଧ୍ୟ ଗାଁ ରେ ପ୍ରଚାରରେ ଲାଗି ପଡିଛନ୍ତି । ତିନି ଦଳର ପ୍ରଚାରରେ ଆଳି ନିର୍ବାଚନମଣ୍ଡଳୀ ସରଗରମ ରହିଛି ।

# ୧ ହଜାର କୋଟି କାମରେ ଦୁର୍ନୀତିର ଗନ୍ଧ

ଜଗତ୍‌ସିଂହପୁର, ୧୯।୫ (ପ୍ରମୋଦ କୁମାର ନାୟକ)

ଦୀର୍ଘବର୍ଷ ପରେ କନ୍ଦରପୁର-ମୂଳାକଣି ୫୫ନଂ. ଜାତୀୟ ରାଜପଥ (ଏନ୍‌ଏଚ୍) କାମ ଆରମ୍ଭ ହୋଇଛି। ଏନେଇ ଲୋକଙ୍କ ଭିତରେ ଖୁସି ଦେଖାଦେଇଛି। କାରଣ ୭୫.୯୫ କିଲୋମିଟର (କି.ମି.) ଏହି ରାସ୍ତା କାମ ଶେଷ ହୋଇଗଲେ ଜଗତ୍‌ସିଂହପୁର ଜିଲାର ବିକାଶ ହେବ। ଜିଲାବାସୀ ବିଶେଷ ଉପକୃତ ହେବେ। କେନ୍ଦ୍ର ସରକାର ଉକ୍ତ ରାସ୍ତାକୁ ୨ଟି ପର୍ଯ୍ୟାୟରେ ଅନୁମୋଦିତ କରିଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଏହି ଅନୁଯାୟୀ, କନ୍ଦରପୁର-ବାଲିକୁଦ ରାସ୍ତାକୁ ୨୪।୩।୨୨ ଏବଂ ବାଲିକୁଦା-ମୂଳାକଣି ରାସ୍ତାକୁ ୨୪।୧୧।୨୨ରେ ଅନୁମୋଦନ ଦିଆଯାଇଛି। ଏଥିସହ କନ୍ଦରପୁର-ବାଲିକୁଦା ରାସ୍ତା ପାଇଁ ୪୯୯.୭୯ କୋଟି ଏବଂ ବାଲିକୁଦା-ମୂଳାକଣି ପାଇଁ ୫୧୧.୫୪ କୋଟି, ଏହିପରି ମୋଟ ୧୦୧୧.୩୩ କୋଟି ଟଙ୍କା ଆର୍ଥିକ ଅନୁମୋଦନ ବ୍ୟବସ୍ଥା ହୋଇଛି। ବାସ୍ତବରେ କିନ୍ତୁ ଏହା ଭିତରେ ଠିକାସଂସ୍ଥା ଆଶାଜନକ କାମ କରିବା ତ ଦୂରର କଥା ନିମ୍ନମାନର କାମ କରୁଥିବା ଅଭିଯୋଗ ହୋଇଛି। ନବ ନିର୍ମାଣ କୃଷକ ସଙ୍ଗଠନ ସମେତ କେତେଜଣ ବୁଦ୍ଧିଜୀବୀ ଜାତୀୟ ରାଜପଥ କାମକୁ ନେଇ ପ୍ରଶ୍ନ ଉଠାଇବା ସହ ରାଜନେତା, ଜାତୀୟ ରାଜପଥ ଯନ୍ତ୍ରୀ ଓ ଠିକାସଂସ୍ଥାର ମଧୁଚନ୍ଦ୍ରିକାରେ ହରିଲୁଟ୍‌କୁ ବରଦାସ୍ତ କରାଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଦାବି ହେଉଛି।

ଅଭିଯୋଗ ଅନୁଯାୟୀ, ଏବେ ନିର୍ବାଚନକୁ ନେଇ ଜିଲାରେ ରାଜନୈତିକ ପାଣିପାଗ ଉଷ୍ମ ଅଛି। ଏହାର ସୁଯୋଗରେ ଠିକାସଂସ୍ଥା ଦିବାଲୋକରେ ନିମ୍ନମାନର କାମ କରିଚାଲିଛି। ନଦୀରୁ ବେଆଇନ ଭାବେ ବାଲି ଓ ରାସ୍ତାପାର୍ଶ୍ୱ ବିଲରୁ ମାଟି ଉଠାଯାଇ କାର୍ଯ୍ୟରେ ଲଗାଯାଉଛି। ଏମ୍/ଏସ୍ ଶିଭମ୍ କୋ ଏନ୍‌ଡିଇଭି ପ୍ରାଇଭେଟ ଲିମିଟେଡ୍ ନାମକ ଏକ ଠିକାସଂସ୍ଥା କାମ କରୁଥିବା ସୂଚନା ଅଧିକାର ଆଇନ ବଳରେ ସୂଚନା ମିଳିଛି। କିନ୍ତୁ ପୂର୍ବରୁ କଳା ତାଲିକାଭୁକ୍ତ ହୋଇଥିବା ଏଆର୍‌ଏସ୍‌ଏସ୍ କମ୍ପାନୀ କାମ କରୁଛି। ଯେତେ ଟ୍ରକ୍ ଓ ଯନ୍ତ୍ରପାତି ବ୍ୟବହାର ହେଉଛି ସେଗୁଡିକରେ ଏଆର୍‌ଏସ୍‌ଏସ୍ ଲେଖାଥିବାରୁ ଏହି କମ୍ପାନୀ ନୂଆ ନାଁରେ କାମ କରୁଥିବା ସନ୍ଦେହ ହେଉଛି। କାମ ଚାଲିଥିଲେ ସୁଦ୍ଧା ଯଥେଷ୍ଟ ବିଳମ୍ବରେ କାମଚଳା ସୂଚନାଫଳକ ଲଗାଯାଇଥିଲା, ଯାହା ବାସ୍ତବ ଲକ୍ଷ୍ୟ ପୂରଣ କରିପାରୁନାହିଁ। ଏହା ପ୍ରକାରାନ୍ତରେ ଠିକା ସଂସ୍ଥାର ସ୍ୱଚ୍ଛତାକୁ ନେଇ ସନ୍ଦେହ ବହୁଗୁଣିତ କରୁଛି। ଠିକାସଂସ୍ଥା ବ୍ୟବସ୍ଥିତ ଢଙ୍ଗରେ କାର୍ଯ୍ୟ ନ କଲେ ନବନିର୍ମାଣ କୃଷକ ସଙ୍ଗଠନ କାର୍ଯ୍ୟ ବନ୍ଦ କରିବାକୁ ବାଧ ହେବ ବୋଲି ସଙ୍ଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଠିକା ସଂସ୍ଥା ଓ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। କନ୍ଦରପୁର-ମୂଳାକଣି ହେବାକୁ ଯାଉଥିବା ଜାତୀୟ ରାଜପଥର ଦୈର୍ଘ୍ୟ ୭୫.୯୫ କି.ମି. ଓ ପ୍ରସ୍ଥ ୧୦ ମିଟର ରହିବା ସ୍ଥିର ହୋଇଛି। ଏହି ରାସ୍ତା ଭିତରେ ୫ଟି ବାଇପାସ୍ ଓ ୧୭ଟି ପୋଲ ଆଦି କରାଯିବାର ପ୍ରସ୍ତାବ ରହିଛି। ସେଗୁଡିକ ମଧ୍ୟରୁ ଦଳେଇଘାଇ ବାଇପାସ୍ ୫ କି.ମି., ଜଗତ୍‌ସିଂହପୁର ବାଇପାସ୍ ୭.୮ କି.ମି., ବାଲିକୁଦା-କଣିଆ-ବୋରିକିନା-ଇବ୍ରିସିଂ ବାଇପାସ୍ ୧୭.୬ କିମି, ଏରସମା ବାଇପାସ୍ ୫.୮୫ କିମି ଏବଂ ଚଟୁଆ ବାଇପାସ୍‌ର ଦୈର୍ଘ୍ୟ ୨.୫ କି.ମି. ରହିବ। ସମସ୍ତ କାର୍ଯ୍ୟ ତଦାରଖ ପାଇଁ କ୍ୱାଣ୍ଟିଟି ସର୍ଭେୟର, ଲାବରେଟୋରି ଟେକ୍ନିସିଆନ ଓ ବ୍ରିଜ୍ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ କାମରେ କୌଣସି ସ୍ୱଚ୍ଛତା ଆସୁନାହିଁ। କେବଳ ଏତିକି ନୁହେଁ, ଠିକାସଂସ୍ଥା ବିଭିନ୍ନ ମାଧ୍ୟମରେ ଜାଲିଆତି କରୁଛି। ନଦୀରୁ ଯେତିକି ପରିମାଣର ବାଲି ଉଠାଇବା ପାଇଁ ଅନୁମତି ନେଉଛି ତା'ର ଦୁରୁପଯୋଗ ହେଉଛି। ଅର୍ଥାତ୍ ଏହି ଅନୁମତିପତ୍ର ଦେଖାଇ ମନଇଚ୍ଛା ବାଲି ଉଠାଇ ଚାଲିଛି। ପ୍ରଶାସନିକ ଅଧିକାରୀ ଓ କେତେଜଣ ବାଲି ମାଫିଆଙ୍କ ସହ ସଲାସୁତୁରାରେ ଠିକାସଂସ୍ଥା ଏଭଳି କାମ କରିବାକୁ ସକ୍ଷମ ହେଉଛି। ଦିନ ଦ୍ୱିପ୍ରହରରେ ବାଲି ପରିବହନ ଉପରେ କଟକଣା ଥିଲେ ସୁଦ୍ଧା ଉକ୍ତ ନିୟମ ପାଳନ କରାଯାଉନାହିଁ। ଏନେଇ କେତେକ ସ୍ଥାନରେ ଗ୍ରାମବାସୀ ବିରୋଧ କରିଛନ୍ତି। ଏପରି କି ବେଆଇନ ବାଲି ଉଠାଣକୁ ନେଇ ତୁମ୍ଭିତୋଫାନ ହୋଇଛି। ଏହା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ଠିକାସଂସ୍ଥା ବାଲିଆଠାରୁ ବିରିଡ଼ି ମଧ୍ୟରେ ରାସ୍ତା ପାର୍ଶ୍ୱ ଜମିରୁ ମାଟି ଉଠାଇ ବାଲି ଫିଲିଂ କରୁଛି। କିନ୍ତୁ ଯେଉଁଠୁ ମାଟି ଉଠାଉଛି ସେଗୁଡିକୁ ପୋତୁନାହିଁ। ସେହିଭଳି ଠିକ ଭାବେ ପିଚୁ କାମ କରାଯାଉନାହିଁ। ଜଗତ୍‌ସିଂହପୁର ସଦର ମହକୁମାରେ ବିଭାଗର ଯେଉଁ ଅଫିସ ଅଛି ସେଠାରେ କୌଣସି ବିଭାଗୀୟ ଅଧିକାରୀ ରହୁ ନ ଥିବାରୁ ସୂଚନା ମିଳିପାରୁନାହିଁ। ଏ ସମ୍ପର୍କରେ କଟକ ଜାତୀୟ ରାଜପଥ ବିଭାଜନ ନିର୍ବାହୀ ଯନ୍ତ୍ରୀ କୋମଳ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଏହା ଉପରେ ଦୃଷ୍ଟି ଦିଆଯିବ ବୋଲି ସଫେଇ ଦେଇ ପ୍ରସଙ୍ଗକୁ ଭିନ୍ନମୋଡ଼ ଦେବାକୁ ଚେଷ୍ଟା କରିଛନ୍ତି।



ଠିକା ସଂସ୍ଥା ପକ୍ଷରୁ ରାସ୍ତା କାମ ଚାଲିଛି।

**କନ୍ଦରପୁର-ମୂଳାକଣି ୫୫ ନଂ. ଜାତୀୟ ରାଜପଥ ନିର୍ମାଣ ନିମ୍ନମାନର ପ୍ରସଙ୍ଗ**

- ବେଆଇନ ଭାବେ ନଦୀରୁ ଉଠୁଛି ବାଲି, ବିଲରୁ ମାଟି
- କାମ କରୁନି ଆନ୍ଦୋଳନ ଚେତାବନୀ

## ମହିମା ଧର୍ମାବଲମ୍ବୀଙ୍କ ବାର୍ଷିକ ଉତ୍ସବ



ରଘୁନାଥପୁର, ୧୯।୫ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବିରାଟକଟକ ଗ୍ରାମର ସାନତୁଙ୍ଗିରେ ଶନିବାର ମହିମା ଧର୍ମାବଲମ୍ବୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଆୟୋଜନ କରାଯାଇଥିଲା। ବ୍ରାହ୍ମ ମୁହୂର୍ତ୍ତରେ ଅଖଣ୍ଡ ବ୍ରହ୍ମବତି ଅର୍ପଣ କରାଯାଇ ବ୍ରହ୍ମଧ୍ୱନି ପ୍ରଜ୍ୱଳନ ,ଘୃତ ଆହୁତି ଓ ଭଜନ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ମହିମା ଆଶ୍ରମର ପୁରୋଧା ବେଣୁଧର ବାବା,ସନ୍ନ୍ୟାସୀ ବାବା, ଅରୂପ ବାବା, ସାଧୁ କୃଷ୍ଣ ଚନ୍ଦ୍ର ଦାସ, ସମୀର ଦାସ, ବ୍ରଜବନ୍ଧୁ ଦାସ, ଚରଣ ଦାସ, ଅନନ୍ତ ଦାସ, ସର୍ବେଶ୍ୱର ଦାସ ଓ ହରମୋନ ଦାସ ପ୍ରମୁଖ ଯୋଗଦେଇ ଆହୁତି ଦେବାରେ ସହଯୋଗ କରିଥିଲେ।

## 'ସରକାର ନ ଶୁଣିବାରୁ ରାଜନୀତିକୁ ଆସିବାକୁ ବାଧ ହେଲୁ'


ସ୍ୱାଧୀନ ପ୍ରାର୍ଥୀ ଉମାକାନ୍ତ ଭାରତ ସମର୍ଥକଙ୍କ ସହ ଶୋଭାଯାତ୍ରା କରୁଛନ୍ତି।

କୁଜଙ୍ଗ, ୧୯।୫(ମନୋଜ ପ୍ରଧାନ)

ସରକାର ବାରମ୍ବାର ଚାଷୀଙ୍କ ସ୍ୱାର୍ଥକୁ ଅଣଦେଖା କରିବାରୁ ୨୦୧୦ରେ ଚାଷୀଙ୍କ ସ୍ୱରକୁ ତୀବ୍ର କରିବା ପାଇଁ ନବନିର୍ମାଣ କୃଷକ ସଙ୍ଗଠନ ଗଠନ କରାଯାଇଥିଲା। ଏହାପରେ ସଙ୍ଗଠନ ପକ୍ଷରୁ ପ୍ରତ୍ୟେକ ଚାଷୀ ପରିବାରକୁ ମାସିକ ୫ ହଜାର ଟଙ୍କା ସୁରକ୍ଷା ଭତ୍ତା, ଧାନର ସର୍ବ ନିମ୍ନ ସହାୟକ ରାଶି କୁଇଣ୍ଟାଲ ପିଛା ୩ ହଜାର୪ ଶହ ଟଙ୍କା, ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା, ଯୁବ ବର୍ଗଙ୍କୁ ସ୍ଥାୟୀ ନିଯୁକ୍ତି ଓ ନିଶା ମୁକ୍ତ ଓଡ଼ିଶା ଗଠନ କରିବାକୁ ଦାବି କରାଯାଇଥିଲା। ଏସବୁ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିବା ପାଇଁ ସଙ୍ଗଠନ ଭୁବନେଶ୍ୱର ଅଭିମୁଖେ ବାହାରିଥିଲା । ସରକାର ଦାବି ଶୁଣିବା ପରିବର୍ତ୍ତେ ଲାଠି ପ୍ରହାର କରି ଭୁବନେଶ୍ୱରକୁ ପୂରାଇ ଦେଇ ନ ଥିଲେ। ଫଳରେ ଆମେ ବାଧ ହୋଇ ରାଜନୀତିକୁ ଓହ୍ଲାଇଛୁ ବୋଲି ପାରାଦୀପ ନିର୍ବାଚନମଣ୍ଡଳୀରୁ ନବନିର୍ମାଣ କୃଷକ ସଙ୍ଗଠନର ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଉମାକାନ୍ତ ଭାରତ କହିଛନ୍ତି। ଏହି ଅବସରରେ ତାଙ୍କ ପକ୍ଷରୁ ଏକ ଶୋଭଯାତ୍ରା ଆୟୋଜନ କରାଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ତିର୍ତ୍ତୋଲ ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ସେଠୀ, କୁଜଙ୍ଗ ବ୍ଲକ ସଂଯୋଜକ ବିଭୂତି ଭୂଷଣ ଜେନା, ନଟବର ସେନ, ବାବୁରାମ ଚୌଧୁରୀ, ସମିର ରାଉତ, ନୃସିଂହ ନାରାୟଣ ଷଡ଼ଙ୍ଗୀ, ପ୍ରଭାସ ବାରିକ, ଦେବଦତ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ ।

**ସଂକ୍ଷେପରେ**

## ଚେକିଂ ସମୟରେ ପୋଲିସକୁ ଧକ୍କାଦେଲା କାର୍: ୨ଯୁବକ ଗିରଫ

ବାଲିକୁଦା, ୧୯।୫(ତାପସ ସ୍ୱାଇଁ)

ବାଲିକୁଦା ପୋଲିସ ପକ୍ଷରୁ ସାଧାରଣ ନିର୍ବାଚନ ପାଇଁ ପୋଲିସ ଚେକିଂ ଓ ନାଇଟ ପାଟ୍ରୋଲିଂ କଡ଼ାକଡି କରାଯାଇଛି। ଏନେଇ ଶନିବାର ରାତି ପ୍ରାୟ ୧୧ଟା ୩୦ ସମୟରେ ମାଛଗାଁଠାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ କଳାରଙ୍ଗର କାର୍ ସେମାନଙ୍କୁ ଧକ୍କା ଦେଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ କର୍ମଚାରୀ ପୀତାମ୍ବର ପରିଡା ବାଲିକୁଦା ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୨୧୯/୨୪) ରୁଜୁ କରାଯାଇ ଉଭୟ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବାଲିକୁଦା ଥାନା ଅନ୍ତର୍ଗତ ଜମ୍ବର ଗ୍ରାମର ସୌଭାଗ୍ୟ ସ୍ୱାଇଁ ଓ ବଞ୍ଚୁ ସ୍ୱାଇଁ । ପୀତାମ୍ବରଙ୍କ ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଜଗତସିଂହପୁର ଯାଇ ଫେରୁଥିବା ବେଳେ ମାଛଗାଁଠାରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ହେଲେ ଉଭୟ ନିଶାସକ୍ତ ଅବସ୍ଥାରେ ପୋଲିସକୁ ଗାଳିଗୁଲଜ କରିବା ସହ ଧକ୍କା ଦେଇଥିଲେ। ଫଳରେ ପୋଲିସ ସେମାନଙ୍କୁ ଧରିଥିଲା। ସେମାନଙ୍କ ପାଖରୁ ୨ଟି ମଦ ବୋତଲ ସହ ଧକ୍କା ଦେଇଥିବା କାର୍‌କୁ ମଧ ଜବତ କରାଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ନିର୍ବାଚନ ପୂର୍ବରୁ ପୋଲିସର ଫ୍ଲାଗମାର୍ଚ୍ଚ



ଜଗତ୍‌ସିଂହପୁର, ୧୯।୫
(ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଜଗତ୍‌ସିଂହପୁର ସହରରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ରବିବାର ଅପରାହ୍ନରେ ସିଏସ୍‌ଆର୍‌ଏଫ୍ ଏବଂ ରାଜ୍ୟ ପୋଲିସ ଫୋର୍ସ ଏହି ଫ୍ଲାଗମାର୍ଚ୍ଚରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଏସ୍‌ପି ରାହୁଲ ପିଆର୍ କହିଛନ୍ତି, ନିର୍ବାଚନ ସମୟରେ ଜନସାଧାରଣଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଫ୍ଲାଗମାର୍ଚ୍ଚର ଉଦ୍ଦେଶ୍ୟ। ଜିଲା ପୋଲିସ ନିର୍ବାଚନ ପାଇଁ ପୂର୍ଣ୍ଣଭାବେ ପ୍ରସ୍ତୁତ। ଜିଲା ଭିତରେ ୧୧ କମ୍ପାନୀ ସିଆର୍‌ପିଏଫ୍ (ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ), ୨୫ ପ୍ଲାଟୁନରୁ ଅଧିକ ରାଜ୍ୟ ପୋଲିସ ଫୋର୍ସ ସହ ଜିଲାର ସମସ୍ତ ପୋଲିସ ବାହିନୀ ସାମିଲ ହେବେ। ନିର୍ବାଚନ ପାଇଁ ଏବେଠାରୁ ବିଭିନ୍ନସ୍ତରରେ ଚେକିଂ ଚାଲିଛି। ୬ଟି ଗୁରୁତ୍ୱପୂର୍ଣ୍ଣ ସୀମା ସହ ଅନ୍ୟ ୬ଟି ରାସ୍ତାରେ ଚେକିଂ କରାଯାଉଛି। ତା'ଛଡା ଖର୍ଚ୍ଚ ହିସାବରେ ୨୪ଟି ଷ୍ଟାଟିକ ସର୍ଭେଲାନ୍ସ ଟିମ୍ ଗଠନ କରାଯାଇଛି। ଫ୍ଲାଇଙ୍ଗ ସ୍କ୍ୱାଡ୍ କାମ କରୁଛନ୍ତି। ଥାନା ଅଞ୍ଚଳରେ ନାକା ଚେକିଂ ଓ ସରପ୍ରାଇଜ ଚେକିଂ ଚାଲିଥିବା ଏସ୍‌ପି କହିଛନ୍ତି।

## ୧୮୦୦ ଗ୍ରାମ ଗଞ୍ଜେଇ, ୫.୫୮ ଲକ୍ଷ ଟଙ୍କା ଜବତ

ପାରାଦୀପ, ୧୯।୫(ଶରତ ରାଉତ)

ପାରାଦୀପ ଆଦର୍ଶଥାନା ପୋଲିସ ରବିବାର ରାତି ୧୦ଟାରେ ୧୮୦୦ ଗ୍ରାମ ଗଞ୍ଜେଇ ସହ ୫ ଲକ୍ଷ ୫୮ ହଜାର ୪୦୦ ଟଙ୍କା ଜବତ କରିଛି। ପାରାଦୀପ ମଧୁବନ ମୁଣ୍ଡାପଡା ବସ୍ତିରେ ବାପିନା ମାଳି ନାମକ ଯୁବକ ଏକ ବାଇକରେ ଗଞ୍ଜେଇ ଓ ଟଙ୍କା ନେବାବେଳେ ପାଟ୍ରୋଲିଂ ପୋଲିସ ହାତରେ ଧରାପଡ଼ିଥିଲେ। ଏହି ସମୟରେ ଅନ୍ୟ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯିବାକୁ ସକ୍ଷମ ହୋଇଛନ୍ତି। ଏନେଇ ପୋଲିସ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି।

**ଏରସମା ବାଲିକୁଦା ନିର୍ବାଚନମଣ୍ଡଳୀ**

## ସ୍ୱାଧୀନ ପ୍ରାର୍ଥୀ ସଞ୍ଜୀବଙ୍କ ଶକ୍ତି ପ୍ରଦର୍ଶନ

କୁଜଙ୍ଗ, ୧୯।୫(ମନୋଜ ପ୍ରଧାନ)

ଏରସମା-ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ବିଜେଡିର ବିଦ୍ରୋହୀ ପ୍ରାର୍ଥୀ ସଞ୍ଜୀବ ବିଶ୍ୱାଳ ରବିବାର ରୋଡ ଶୋ' ମାଧ୍ୟମରେ ଶକ୍ତି ପ୍ରଦର୍ଶନ କରିଛନ୍ତି । ଏହି ଅବସରରେ ସେ ଏରସମା ବ୍ଲକ ତଥା କୁଜଙ୍ଗ ଓ ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ୪ ନମ୍ବର ଜୋନର ଗଡ଼କୁଜଙ୍ଗ, ନୂଆଗାଁ, ଢ଼ିଙ୍କିଆ, ବାଲିତୁଠ, ଚଟୁଆ, ବାମଦେଇପୁର ଓ ବଳେଇପୁର ପଞ୍ଚାୟତରେ ରୋଡ ଶୋ କରିଥିଲେ। ସେ ପ୍ରଥମେ ଗଡ଼କୁଜଙ୍ଗସ୍ଥିତ ପ୍ରଭୁ କୁଞ୍ଜବିହାରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେବା ପରେ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରରେ ବାହାରିଥିଲେ। ଏହି ରୋଡ ଶୋ'ରେ ଚଟୁଆ ପଞ୍ଚାୟତର ବାବୁନି ମଙ୍ଗରାଜ, ସଂଗ୍ରାମ ନାୟକ, ନୂଆଗାଁର ରଞ୍ଜନ ତରାଇ, ଢିଙ୍କିଆର ଦୀପକ ସ୍ୱାଇଁ, ବାଲିତୁଠରେ ରମାକାନ୍ତ ପରିଡ଼ା ଓ ନିବାସ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।


ସ୍ୱାଧୀନ ପ୍ରାର୍ଥୀ ସଞ୍ଜୀବ ବିଶ୍ୱାଳ ସମର୍ଥକମାନଙ୍କ ସହ ରୋଡ୍ ଶୋ' କରୁଛନ୍ତି।

## ଭାଜପାରେ ସାମିଲହେଲେ କଂଗ୍ରେସ ସମର୍ଥିତ ସରପଞ୍ଚ

ଜଗତ୍‌ସିଂହପୁର, ୧୯।୫ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତର ସିଙ୍ଗିପୁର ଅରଖଗାଡିଠାରେ ଭାଜପାର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବରେ କଂଗ୍ରେସ ସମର୍ଥିତ ବଳରାମପୁର ସରପଞ୍ଚ ଅଞ୍ଜନ ସାମଲ ଦଳ ଛାଡି ଭାଜପାରେ ମିଶିଥିଲେ। କେବଳ ଏତିକି ନୁହେଁ, ତାଙ୍କ ସହ ୩ ଶହରୁ ଅଧିକ ବିଜେଡି ଓ କଂଗ୍ରେସ କର୍ମୀ ମଧ ଭାଜପାରେ ସାମିଲ ହୋଇଥିଲେ । ଭାଜପା ପ୍ରାର୍ଥୀ ଅମରେନ୍ଦ୍ର ଦାସ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଏକ ବଡ ଧରଣର ବାଇକ ଶୋଭାଯାତ୍ରା କରାଯାଇଥିଲା । ଏହି ଶୋଭାଯାତ୍ରା ସ୍ଥାନୀୟ ଯୋଗଧାରୀ ନିକଟରୁ ବାହାରି ବଳରାମପୁର ପଞ୍ଚାୟତର ଯୋକପୁର, କାଠିଆପଡ଼ା, ଗୋପ, ବଳରାମପୁର, ବାଇଜଙ୍ଗା, ଦେନ୍ଦୁଆ ଓ ସିଙ୍ଗିପୁର ପର୍ଯ୍ୟନ୍ତ ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ବରିଷ୍ଠ କର୍ମୀ ଲିଙ୍ଗରାଜ ଲେଙ୍କା, ଜିଲା ମହିଳା ମୋର୍ଚ୍ଚା ଉପସଭାପତି କଳ୍ପନା ସର୍ଜନ ସିଂ, ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ, ସମୀର ଲେଙ୍କା, ସଂଯୋଜକ ସମୀର ସାହାଣୀ ଓ ପ୍ରସନ୍ନ ଦାସ ପ୍ରମୁଖ ଯୋଗଦେଇଥିଲେ ।

## ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଏରସମା, ୧୯।୫ (ଦୀପ୍ତି ଖଣ୍ଡୁଆଳ)

**ବର୍ଷା ପୂର୍ବରୁ ଚତୁଃପାର୍ଶ୍ୱରେ ତାର ବାଡ଼ ନ ହେଲେ ଆନ୍ଦୋଳନ ଚେତାବନୀ**



ଏରସମା ବ୍ଲକ ସୋମପୁର ପଞ୍ଚାୟତ ଅନ୍ତର୍ଗତ ମହିମା ଆଶ୍ରମ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗକଲେ ମଧ କୌଣସି ସୁଫଳ ମିଳୁନାହିଁ। ସୂଚନା ଅନୁସାରେ, ଟ୍ରାନ୍ସଫର୍ମର ଚାରି ପାଖରେ ତାରବାଡ ଘେରାଇବା ପାଇଁ ବିଭାଗ ପକ୍ଷରୁ ନିୟମ ଧାର୍ଯ୍ୟ କରାଯାଇଛି । ମାତ୍ର ଚମ୍ପାହାଟରୁ ସୋମପୁର ବଜାରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକଡରେ ରହି ଥିବା ଏହି ଟ୍ରାନ୍ସଫର୍ମର ଦୀର୍ଘ ବର୍ଷ ଧରି ମୁକୁଳା ରହିଛି। ସେଠାରେ ଗ୍ରାମବାସୀଙ୍କ ଧର୍ମପୀଠ ମହିମା ଆଶ୍ରମ ରହିଛି। ବିଭିନ୍ନ ସମୟରେ ଶ୍ରଦ୍ଧାଳୁମାନେ ସେଠାକୁ ଆସିଥାନ୍ତି। ଟ୍ରାନ୍ସଫର୍ମର ନିକଟରେ ବଣବୁଦା ଥିବାରୁ ଅନେକ ସମୟରେ ସେଠାରେ ଗୋରୁ ମଧ ଚରିବାକୁ ଆସୁଛନ୍ତି। ବର୍ଷାଋତୁରେ ବିଦ୍ୟୁତ୍ ତାର ଗଛ ଲତା ସଂସ୍ପର୍ଶରେ ଆସି ଚାର୍ଜ ହୋଇଯିବାର ଆଶଙ୍କା ରହିଛି। ଫଳରେ ସେମାନେ ବିପଦରେ ପଡ଼ିପାରନ୍ତି। ଏଣୁ ସେଠାରେ ତାରବାଡ ଘେରାଇବା ଜରୁରୀ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦୀପକ ଦାସଙ୍କୁ ପଚାରିବାରେ ମୁକୁଳା ଥିବା ଟ୍ରାନ୍ସଫର୍ମର ଚାରିପଟେ ତାର ଘେରାଇବା ପାଇଁ ପ୍ରସ୍ତାବ ଦିଆଯାଇଛି, ଖୁବ୍‌ଶୀଘ୍ର କାର୍ଯ୍ୟ ହୋଇଯିବ ବୋଲି କହିଥିଲେ। ତେବେ ବର୍ଷା ଋତୁ ପୂର୍ବରୁ ଏହି କାର୍ଯ୍ୟ ଶେଷ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ବାଧ ହୋଇ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବିନା ଶ୍ରୋତାରେ ନିର୍ବାଚନୀ ସମାବେଶ



ସଭା ଆରମ୍ଭ ପୂର୍ବରୁ ଲୋକଙ୍କ ଭିଡ଼ ଜମିଛି। ଜଗତ୍‌ସିଂହପୁର ଲୋକ ସଭା ପ୍ରାର୍ଥୀନୀ ଡା. ରାଜଶ୍ରୀ ମଲ୍ଲିକ ଭାଷଣ ଦେଉଥିବା ବେଳେ ଚେୟାରଗୁଡ଼ିକ ଖାଲି ପଡ଼ିଛି।

କୁଜଙ୍ଗ, ୧୯।୫(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକରେ ବିଜେଡିର ଏକ ନିର୍ବାଚନୀ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭା ପୂର୍ବରୁ ବହୁ ଲୋକ ଏଠାରେ ଥିଲେ ମଧ ଆରମ୍ଭ ହେଲାବେଳକୁ ପ୍ରାୟ ପଳାଇ ଯାଇଥିଲେ। ଫଳରେ ସମାବେଶ ବିନା ଶ୍ରୋତା ରେ ଶେଷ ହୋଇଛି । ଏଥିରୁ ବିଜେଡି ପ୍ରତି ଥିବା ଜନ ଅସନ୍ତୋଷ ବାରିହୋଇ ପଡୁଥିଲା। ଏହି ସମାବେଶରେ ପ୍ରାକ୍ତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପ୍ରାକ୍ତନ ଏମ୍‌ପି ଡାକ୍ତର କୁଳମଣି ସାମଲ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ବରିଷ୍ଠ ଶ୍ରମିକ ନେତା ବାପି ସର୍ଖେଲ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ପ୍ରମୋଦ କିଶୋର ଜେନା, ରାଜ୍ୟ ବିଜେଡି ସମ୍ପାଦକ ତଥା ଜଣାଶୁଣା ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ, ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସମ୍ପାଦକ ଗୋଲେଖ ନାୟକ, ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ମୋନିଦୀପା ସର୍ଖେଲ, କୁଜଙ୍ଗ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଦଳୀୟ ଜିଲା ସହ ପର୍ଯ୍ୟବେକ୍ଷକ ଗିରିଶ ଦାସ, ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସନ୍ତୋଷ ବେଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚାସୀନ ବିଜେଡି ନେତୃମଣ୍ଡଳୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବାକୁ ଆହ୍ୱାନ ଦେଇଥିଲେ। ପାରାଦୀପ ବିଧାୟିକା ପ୍ରାର୍ଥୀନୀ ଗୀତାଞ୍ଜଳି ରାଉତରାୟ କହିଥିଲେ, ସ୍ୱର୍ଗତ ଡାକ୍ତର ଦାମୋଦର ରାଉତ ଦୀର୍ଘ ୫୦ ବର୍ଷ ଧରି ଆପଣଙ୍କ ସେବା କରିଆସିଛନ୍ତି। ତାଙ୍କ ବୋହୂ ହିସାବରେ ସହଯୋଗ କରିବାକୁ ଗୀତାଞ୍ଜଳି ନିବେଦନ କରିଥିଲେ। ତେବେ ସେମାନଙ୍କ ଭାଷଣ ବେଳକୁ ଅଧିକାଂଶ ଚୌକି ଖାଲି ପଡ଼ିଥିବାରୁ ସେମାନେ ସଂକ୍ଷିପ୍ତ ଭାଷଣ ଦେଇଥିଲେ। ବ୍ଲକ କାର୍ଯ୍ୟକାରୀ ସଭାପତି ସୁଢ଼ଳ ସ୍ୱାଇଁ ଏଥିରେ ସହଯୋଗ କରିଥିଲେ।

# ପରିଚୟ ହଜାଉଛି ବୃନ୍ଦାବନ ପ୍ୟାଲେସ

ପାରଳାଖେମୁଣ୍ଡି, ୧୯।୫ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ରହିଛି ଅନେକ ପର୍ଯ୍ୟଟନ ଓ ଐତିହ୍ୟସ୍ଥଳୀ। ରକ୍ଷଣାବେକ୍ଷଣ ଅଭାବରୁ ବହୁ ସ୍ଥଳୀ ସତ୍ତା ହରାଇବାକୁ ବସିଲାଣି। ଏଥିମଧ୍ୟରୁ ରାଜବଂଶର କିର୍ତ୍ତୀ ବହନ କରୁଥିବା ବୃନ୍ଦାବନ ପ୍ୟାଲେସ ବା ବସନ୍ତ ନିବାସ, ଯାହା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ରହିଛି ମହାରାଜା ଗୌରଚନ୍ଦ୍ର ଗଜପତି ଓ ତାଙ୍କ ପୁତ୍ର କୃଷ୍ଣଚନ୍ଦ୍ର ଗଜପତିଙ୍କ 'ବୃନ୍ଦାବନ ପ୍ୟାଲେସ'। ମହେନ୍ଦ୍ରତନୟା ନଦୀକୂଳରେ ୧୭ ଏକର ପରିମିତ ଜମିରେ ନିର୍ମାଣ ହୋଇଥିଲା ଏହି ରାଜପ୍ରାସାଦ। ଗବେଷକଙ୍କ ମତରେ ୧୮୯୦ରୁ ୧୯୦୫ ମଧ୍ୟରେ ଏହି ଶୌଧ ନିର୍ମାଣ ହୋଇଥିଲା। ଏହାର ନକ୍ସା ପ୍ରସ୍ତୁତ କରିଥିଲେ ଇଟାଲିଆନମାନେ। ଏହି ପ୍ୟାଲେସଟି ସେତେବେଳେ ଇଟାଲିର ଇଞ୍ଜିନିୟରଙ୍କ ଦ୍ୱାରା ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଐତିହାସିକମାନେ କୁହନ୍ତି।

ଏହି ପ୍ୟାଲେସ ତଟରେ ବୋହି ଯାଉଥିବା ମହେନ୍ଦ୍ରତନୟା ନଦୀ ସାଙ୍ଗକୁ ସବୁଜିମା ଘେରା ସମସ୍ତଙ୍କୁ ଆକର୍ଷିତ କରେ। ଏହି ପ୍ରାସାଦ ଓଡ଼ିଶାର ଐତିହାସିକ ସ୍ଥାନ ଭାବେ ବେଶ ଖ୍ୟାତି ଅର୍ଜନ କରିଛି।


ବୃନ୍ଦାବନ ପ୍ୟାଲେସ।

ପାରଳାଖେମୁଣ୍ଡି ସହରର ମାତ୍ର ୩ କିଲୋମିଟର ଦୂରରେ ଥିବା ଏହି ପ୍ୟାଲେସରେ ମହାରାଜା ନିଜ ପରିବାର ସହ ଗ୍ରୀଷ୍ମ ଅବକାଶ କଟାଉଥିଲେ। ତେଣୁ ଏହାକୁ ବସନ୍ତ ନିବାସ ମଧ୍ୟ କୁହାଯାଏ। ଉକ୍ତ ଐତିହାସିକ ସ୍ମାରକୀ ଏବଂ ଗଠନ ଶୈଳୀ ପ୍ରାକୃତିକ ପରିବେଶକୁ ଉପଲବ୍ଧି କରିବା ପାଇଁ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ବିଶେଷ କରି ପିକ୍‌ନିକ ଋତୁରେ ଅଧିକ ମାତ୍ରାରେ ପର୍ଯ୍ୟଟକ ଆସିଥାନ୍ତି। ହେଲେ ଆବଶ୍ୟକୀୟ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅସ୍ତିତ୍ୱ ହରାଇବାକୁ ବସିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର କରାଯାଉ ନ ଥିବା ବେଳେ ଆବଶ୍ୟକ ମରାମତି ଅଭାବରୁ ନଷ୍ଟ ହେବାକୁ ବସିଲାଣି। କିଛି ବର୍ଷ ପୂର୍ବେ ଏହାର ବିକାଶ ପାଇଁ ବ୍ୟୟବରାଦ କରାଯାଇଥିଲା। ହେଲେ ନିମ୍ନମାନର କାର୍ଯ୍ୟ ଯୋଗୁଁ ଏ ସବୁ ଏବେ ନଷ୍ଟ ହୋଇଗଲାଣି। ପ୍ୟାଲେସର ପୁରାତନ କଳାକୃତି ମୂର୍ତ୍ତିଗୁଡ଼ିକୁ କେହି ଦୁର୍ବୃତ୍ତ ନେଇଯାଇଥିବା ବେଳେ ରାଣୀକୁଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇ ମାଟିରେ ମିଶାଇଦେଇଥିଲେ। ପର୍ଯ୍ୟଟକଙ୍କ ଲାଗି ଫେଭର ବ୍ଲକରେ ନିର୍ମିତ ଚଲାପଥ, ବସିବା ସ୍ଥଳ, ପିକନିକ ସ୍ଥଳ ଆଦି ନିର୍ମାଣ ହୋଇଥିଲା। ତେବେ ଏଗୁଡ଼ିକ ଏବେ ନଷ୍ଟ ହେବାରେ ଲାଗିଛି। ଜିଲା ପର୍ଯ୍ୟଟନ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ନିକ୍ଷେପ କରୁ ନ ଥିବାରୁ ଅବ୍ୟବସ୍ଥା ମଧ୍ୟରେ ରହିଛି। ଶୌଧଟିର ବିଭିନ୍ନ ସ୍ଥାନରେ ଫାଟ ଦେଇଥିବା ବେଳେ ଅନାବନା ବୃକ୍ଷଲତା ଉଠିଯାଇଛି। ଏହି ପ୍ରାସାଦଟିର ବହୁ ଅଂଶ ଭଗ୍ନ ଅବସ୍ଥାରେ ରହିଥିବାର ଦେଖିବାକୁ ମିଳୁଛି। ସେହିପରି ତୃତୀୟ ମହଲାର ଗୋଟିଏ ପାର୍ଶ୍ୱରେ ଛାତ ଦବିବାରେ ଲାଗିଛି। ଏହାର ବିରାଟକାୟ ପାଚେରିଗୁଡ଼ିକରେ ଫାଟ ଦେଖାଦେଉଛି।

ଛାତଗୁଡ଼ିକର ତଳପଟ ପଲସ୍ତରା ବାହାରି ପଡ଼ିଲାଣି। ତଥାପି ଏହି ଐତିହାସିକ ପ୍ରାସାଦକୁ ଦୈନନ୍ଦିନ ବହୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବିଶେଷ କରି ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶରୁ ଆସୁଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମଧ୍ୟ ଲୋକେ ଏଠାକୁ ଆସିଥାନ୍ତି । ବର୍ତ୍ତମାନ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି ଏହି ବୃନ୍ଦାବନ ପ୍ୟାଲେସ । ସ୍ଥାୟୀ ଜଗୁଆଳି କିମ୍ବା କର୍ମଚାରୀ ନାହାନ୍ତି। ବର୍ତ୍ତମାନ ଏଠାରେ ଜଣେ ଅସ୍ଥାୟୀ ଭାବେ ଜଗୁଆଳି ରହିଥିଲେ ହେଁ ତାଙ୍କୁ କୌଣସି ବିଧିବଦ୍ଧ ଭାବେ ଅବସ୍ଥାପିତ କରାଯାଇନାହିଁ। ତାଙ୍କୁ ବିଭାଗ ପକ୍ଷରୁ କୌଣସି ମାସିକ ଭତ୍ତା କିମ୍ବା ଦୈନିକ ମଜୁରି ମଧ୍ୟ ଦିଆଯାଉ ନାହିଁ। ପର୍ଯ୍ୟଟକମାନେ ଯାହା ଅର୍ଥ ଦେଉଛନ୍ତି ତାହାକୁ ନେଇ ସେ ରହିଥିବା ଜଣାପଡ଼ିଛି । ଏପରି ଏକ ଗୁରୁତ୍ୱ ବହନ କରୁଥିବା ଜିଲାର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଜିଲା ସଦର ମହକୁମାରେ ରହିଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନିକ କିମ୍ବା ବିଭାଗୀୟ ଦୃଷ୍ଟି ନିକ୍ଷେପ ନଥିବାକୁ ନେଇ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି।

# ଆଜି ହିଞ୍ଜିଳିରେ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ



ହିଞ୍ଜିଳିକାଟୁଠାରେ ସଖୀ ମତଦାନ କେନ୍ଦ୍ର ।

ହିଞ୍ଜିଳିକାଟୁ, ୧୯।୫(ଦ୍ୱିତୀକୃଷ୍ଣ ପଣ୍ଡା)

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ରବିବାର ପ୍ରସ୍ତୁତି ଶେଷ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୧୦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨ ଲକ୍ଷ ୩୨ ହଜାର ୧୦୯ ଭୋଟର । ଭାଜପାରୁ ଶିଶିର ମିଶ୍ର, କଂଗ୍ରେସରୁ ରଜନୀକାନ୍ତ ପାଢୀ, ବହୁଜନ ସମାଜପାର୍ଟିର ବଳରାମ ନାହାକ, ଏସୟୁସିଆଇ(କମ୍ୟୁନିଷ୍ଟ)ରୁ ନାରାୟଣ ସାହୁ, ଆମ ଆଦମୀ ପାର୍ଟିରୁ ଜରାମ ସାବତ, ସ୍ୱାଧିନ ପ୍ରାର୍ଥୀ ଭାବେ ରାମ ନାରାୟଣ ବିଶ୍ୱାସରାୟ, ଅକ୍ଷୟ କୁମାର, ଏସ. ଲକ୍ଷ୍ମୀ ଆଚାରୀ, ଓ ସବିତା କୁମାରୀ ସାହୁ ପ୍ରମୁଖ ମୈଦାନରେ ଅଛନ୍ତି । ହିଞ୍ଜିଳି ବ୍ଲକର ୨୧ ପଞ୍ଚାୟତ, ଶେରଗଡ଼ ବ୍ଲକର ୨୨ ପଞ୍ଚାୟତ ଓ ହିଞ୍ଜିଳିକାଟୁ ପୌରାଞ୍ଚଳର ୨୧ ଟି ୱାର୍ଡକୁ ନେଇ ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠିତ। ହିଞ୍ଜିଳି ବିଧାନସଭା ଆସନରେ ୨୨୯ଟି ବୁଥ କରାଯାଇଛି। ହିଞ୍ଜିଳିକାଟୁ ପୌରାଞ୍ଚଳରେ ୧୯, ହିଞ୍ଜିଳିକାଟୁ ବ୍ଲକରେ ୧୦୦ ଓ ଶେରଗଡ଼ ବ୍ଲକରେ ୧୧୦ ବୁଥରେ ମତଦାନ ହେବ। ୨୨୯ ଟି ବୁଥ ମଧ୍ୟରୁ ୩୨ଟି ସଖି ବୁଥ, ୧୦ଟି ଆଦର୍ଶ ବୁଥ, ୩ଟି ଯୁବ ପରିଚାଳିତ ମତଦାନ କେନ୍ଦ୍ର ଏବଂ ଗୋଟିଏ ପରିବେଶ ଅନୁକୂଳ ମତଦାନ କେନ୍ଦ୍ର ରହିଛି। ସମ୍ବେଦନଶୀଳ ବୁଥ ମଧ୍ୟରୁ ୧୦୦ଟି ବୁଥରେ ୱେବ କାଷ୍ଟିଂ ବ୍ୟବସ୍ଥା କରାଯାଇଥିବା ବେଳେ ଅବଶିଷ୍ଟ ୧୫ଟି ବୁଥରେ ବି ବ୍ୟବସ୍ଥା କରାଯିବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିର୍ବାଚନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୫ ପ୍ଲାଟୁନ ପୋଲିସ ଫୋର୍ସ ଓ ୭୨ ପୁଲିସ ଅଧିକାରୀ ନିୟୋଜନ ହୋଇଛନ୍ତି।

# ଶାଳମଞ୍ଜିର ଅଭାବୀ ବିକ୍ରି, କ୍ଷତି ସହୁଛନ୍ତି ସଂଗ୍ରହକାରୀ

ଡାବୁଗାଁ, ୧୯।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)

■କାଗଜକଲମରେ ସୀମିତ ବନଜାତ ଦ୍ରବ୍ୟର ଦର ନିର୍ଦ୍ଧାରଣ
■ମାଲାମାଲ ହେଉଛନ୍ତି ବେପାରୀ

ଲଘୁ ବନଜାତ ଦ୍ରବ୍ୟର ଦର ଧାର୍ଯ୍ୟ ଏବଂ ବିକ୍ରି କରିବା ପାଇଁ ସରକାର ପଞ୍ଚାୟତ ସମିତିକୁ ଦାୟିତ୍ୱ ଟେକି ଦେଇଛନ୍ତି। ହେଲେ ନବରଙ୍ଗପୁର ଜିଲାରେ ଲଘୁ ବନଜାତ ଦ୍ରବ୍ୟର ଦର ନିର୍ଦ୍ଧାରଣ କେବଳ କାଗଜକଲମରେ ସୀମିତ ରହିଯାଉଛି । ଦର ତାଲିକା ପଞ୍ଚାୟତର ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀଙ୍କ ପାଖରେ ପହଞ୍ଚିପାରୁନାହିଁ। ଫଳରେ ଦ୍ରବ୍ୟର ମୂଲ୍ୟ ବେପାରୀଙ୍କ ଉପରେ ନିର୍ଭର କରୁଛି । ବେପାରୀ ତାଙ୍କୁ ସୁହାଇଲା ଭଳି ଦର ତାଲିକା ଧାର୍ଯ୍ୟ କରୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଅଞ୍ଚଳରେ। ଏଠାକାର ଲୋକେ ଖରାଦିନେ ଶାଳିମଞ୍ଜି ସଂଗ୍ରହକରି ଦୁଇପଇସା ରୋଜଗାର କରିଥାନ୍ତି। ହେଲେ ଶାଳ ମଞ୍ଜିର ଅଭାବୀ ବିକ୍ରି ଯୋଗୁ ସଂଗ୍ରହକାରୀ କ୍ଷତି ସହିବାକୁ ପଡୁଥିବା ଅଭିଯୋଗ ହେଉଛି।

ବ୍ଲକ୍‌ର ସରଗୁଡ଼ା ଗ୍ରାମର ଆଦିବାସୀ ମହିଳା ପୁରୁଷ ପ୍ରତିଦିନ ସକାଳୁ ଉଠି ଶାଳ ମଞ୍ଜି ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଉଛନ୍ତି। ଘରକୁ ଫେରିବା ବେଳକୁ ସନ୍ଧ୍ୟା ହେଉଛି। ଦିନକୁ ଜଣଙ୍କ ପିଛା ୧୦ ରୁ ୧୫ କେଜି ଶାଳମଞ୍ଜି ସଂଗ୍ରହ କରୁଥିବା ବେଳେ ଶାଳମଞ୍ଜିର ନିର୍ଦ୍ଧାରିତ ସରକାରୀ ଦର କେତେ ତୋଳାଳିମାନେ ଜାଣିନାହାନ୍ତି। ହାଟକୁ ନେଇ ବେପାରୀଙ୍କୁ କେଜି ପିଛା ୧୨ରୁ ୧୫ ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଥିବା ବୁଦୁରୀ ପୂଜାରୀ, ସନାଇ ଭତ୍ରା, ମନାଇ ପୂଜାରୀ, କଲମ ପୂଜାରୀ, ଜାମବତୀ ପୂଜାରୀ, ମନକ ଭତ୍ରା, ବଗବତୀ ପୂଜାରୀ, ଦଶ୍ରୀ ପୂଜାରୀ, ଧନ୍ଦି ଭତ୍ରୀ, ଜୟମନୀ ଭତ୍ରା ପ୍ରମୁଖ କହିଛନ୍ତି। ଟିଡିସିସି ତାଲିକାରେ କିନ୍ତୁ ଶାଳମଞ୍ଜି କେଜି ୨୦ ଟଙ୍କା ରହିଛି। ସେହି ହିସାବରେ କେଜି ପିଛା ୫ରୁ ୮ଟଙ୍କାର କ୍ଷତି ସହୁଛନ୍ତି ଏଇ ଅଶିକ୍ଷିତ ଆଦିବାସୀ ମହିଳାମାନେ। ଅନ୍ୟପକ୍ଷେ ସରକାରୀ କର୍ମଚାରୀଙ୍କ ଅବହେଳା କାରଣରୁ ନିରୀହ ଆଦିବାସୀ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଛି।

ସୂଚନା ଥାଉକି, ଡାବୁଗାଁ ଅଞ୍ଚଳରେ ୨ ,୫୧୯ ବର୍ଗ କି.ମି. ବିସ୍ତୀର୍ଣ୍ଣ ଜଙ୍ଗଲ ରହିଛି । ସେଥିରେ ପ୍ରାୟ ୫୦ ପ୍ରତିଶତରୁ ଅଧିକ ଶାଳ ବଣ ରହିଛି। ଏକଦା ଜିଲାରୁ ପ୍ରତିବର୍ଷ ୧ ଲକ୍ଷ କୁଇଣ୍ଟାଲ ଶାଳମଞ୍ଜି ବିକ୍ରି ହେଉଥିଲା ବୋଲି ଜଣେ ଉଚ୍ଚ ପଦସ୍ଥ ବନ ଅଧିକାରୀ କହିଛନ୍ତି। ୨୦ ବର୍ଷରୁ ଅଧିକ ହେବ ପଞ୍ଚାୟତ ବିଭାଗକୁ ଲଘୁ ବନଜାତ ଦ୍ରବ୍ୟର ବିକ୍ରିବଟା ଓ ପରିଚାଳନା ଦାୟିତ୍ୱ ଦିଆଯାଇଥିବାବେଳେ ସେବେଠୁ ପଞ୍ଚାୟତଗୁଡ଼ିକ କେବଳ ବେପାରୀଙ୍କୁ ଲାଇସେନ୍ସ ଦେଇ କାମ ସାରି ଦେଉଛନ୍ତି । ଶାଳମଞ୍ଜି ଗୋଟାଳି ଉଚିତ ମୂଲ୍ୟ ପାଉଛନ୍ତି କି ନାହିଁ କାହାରି ନଜରରେ ନାହିଁ। ମହୁଲ ସମେତ ୬୪ ପ୍ରକାର ଲଘୁ ବନଜାତ ଦ୍ରବ୍ୟ ଉପରେ ବନବାସୀ ନିର୍ଭର କରୁଥିବା ବେଳେ ସରକାର ପଞ୍ଚାୟତକୁ ଦାୟିତ୍ୱ ଦେଇ ଏହାର ସମୀକ୍ଷା କରୁନାହାନ୍ତି । ଏ ସମ୍ପର୍କରେ ଡାବୁଗାଁ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲାଙ୍କୁ ପଚାରିବାରୁ ଜଙ୍ଗଲଜାତ ଦ୍ରବ୍ୟଗୁଡ଼ିକର ଦର ପ୍ରତିବର୍ଷ ଅକ୍ଟୋବରରେ ନିର୍ଦ୍ଧାରିତ ହେଉଛି । ସେ ଦର ତାଲିକାରେ ଶାଳମଞ୍ଜି କିଲୋ ପିଛା ୨୦ ଟଙ୍କା ରହିଥିବା ସେ କହିଛନ୍ତି ।

# ପଡ଼ାଲଗୁଡ଼ା ବାଲିଯାତ୍ରା ଉଦ୍‌ଯାପିତ


ବାଲିଯାତ୍ରା ଉଦ୍‌ଯାପନୀ ଦିବସରେ ମୁଖ୍ୟ ପୂଜକଙ୍କ ସହ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ନବରଙ୍ଗପୁର, ୧୯।୫ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ପଡ଼ାଲଗୁଡା ପଞ୍ଚାୟତରେ ଚାଲିଥିବା କୃଷିଭିତ୍ତିକ ପାଟ ବାଲିଯାତ୍ରା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବ ପୁରୁଷଙ୍କ ମାନ୍ୟତା, ଧାର୍ମିକ ପରମ୍ପରା, ବିଶ୍ୱାସ ଆଧାରରେ ବାଲିଯାତ୍ରା ସମ୍ପନ୍ନ ହୋଇଛି। ଅନ୍ତିମ ଦିନରେ ମୁଖ୍ୟ ପୂଜକ ଚାଙ୍ଗୁଡ଼ି ବାଲୁକାରେ ଗଜା ହୋଇଥିବା ଗଛକୁ ମୁଣ୍ଡରେ ବୋହି ନେଇ ଶିରା ସହିତ ଗାଦି, ଚୌକି, ଲାଠି, ବାଜା ବାଜଣା ସହ ମହାସମାରୋହରେ ସହର ପରିକ୍ରମା କରିଥିଲେ। ଅଞ୍ଚଳରେ ଭଲ ଚାଷ ହେବା ସହ ଭଲ ବର୍ଷା ହେବା, ପଶୁପକ୍ଷୀ, ମଣିଷ ନୀରୋଗ ଓ ନିରାମୟ ମଙ୍ଗଳ କାମନାକରି ପୂଜାର୍ଚ୍ଚନା କରାଯାଇଥିଲା। ବାଲିଯାତ୍ରା ପର୍ବରେ ଅନେକ ସ୍ଥାନରୁ ହଜାର ହଜାର ଲୋକ ଯୋଗଦେଇଥିଲେ। ଚଳିତବର୍ଷ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ନେତୃବୃନ୍ଦ ପ୍ରାର୍ଥୀଙ୍କ ସମାଗମ ସହ ରାଜନୈତିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା। ବାଲିଯାତ୍ରା ପରଦିନ ଅନେକ କାର୍ଯ୍ୟକ୍ରମ ମଧ୍ୟରେ ପାରମ୍ପରିକ ଗୀତ କୁଡ଼ିଆ,ସଙ୍ଗାତ ବସିବା ଆଦି ଅନୁଷ୍ଠିତ ହୋଇଥାଏ।ସୂଚନା ଥାଉକି, ଜିଲାର ବିଭିନ୍ନ ପଞ୍ଚାୟତ ଓ ଗ୍ରାମରେ ବାଲିଯାତ୍ରା ପାଳନ କରାଯାଇଥାଏ। ଦୀର୍ଘ ୧୨ ବର୍ଷ ପରେ ହେଉଥିବା ଏହି ଯାତ୍ରା ପାଇଁ ପୂର୍ବ ପ୍ରସ୍ତୁତି ହୋଇଥାଏ। ଯାତ୍ରା ହେଉଥିବା ଗାଁର ଗୁଡ଼ିଘରେ ୩ ମାସ ପର୍ଯ୍ୟନ୍ତ ପୂଜା, ପର୍ବ ପାଳିତ ହୋଇଥାଏ। ପ୍ରତିଦିନ ନୂଆ ନୂଆ ଉତ୍ସବ ସହିତ କାର୍ଯ୍ୟକ୍ରମ ପାଳିତ ହୋଇଥାଏ।

# ପେଟ୍ରୋଲରୁ ପାଣି ବାହାରିବା ନେଇ ଅଭିଯୋଗ

ସୁନାବେଡା/ସେମିଳିଗୁଡା, ୧୯।୫
କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ

ପେଟ୍ରୋଲ ପମ୍ପରେ ପେଟ୍ରୋଲ ବଦଳରେ ପାଣି ମିଳୁଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଜଣେ ବ୍ୟକ୍ତି। ମିଳିଥିବା ଖବର ମୁତାବକ ରବିବାର ସେମିଳିଗୁଡା ଅଞ୍ଚଳର ଏ.ନାଗେଶ୍ୱର ଦୋରା ନିଜ ସ୍କୁଟି (ଓଡି ୧୦ଇ-୬୪୮୧)ରେ ଦିନ ପ୍ରାୟ ୧୧ଟା ବେଳେ ସ୍ଥାନୀୟ ଟ୍ରାଫିକ ଛକ ନିକଟରେ ଥିବା ପ୍ରଥମ ପେଟ୍ରୋଲ ପମ୍ପରୁ ଗାଡିରେ ସାଢେ ୪ ଲିଟର ପେଟ୍ରୋଲ ପକାଇଥିଲେ। ପରେ ସେଠାରୁ ଘରକୁ ଯାଇ ଅପରାହ୍ନ ପ୍ରାୟ ୬ ଟାରେ ଘରୁ ଗାଡି ବାହାର କରି କୌଣସି କାମରେ ବାହାରକୁ ଯିବା ବାଟରେ ଗାଡି ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା। ବହୁ ପରିଶ୍ରମ ପରେ ଗାଡି ଷ୍ଟାର୍ଟ ହେବା ପରେ ସେ ନିକଟରେ ଥିବା ଏକ ଗ୍ୟାରେଜକୁ ଗାଡି ନେଇଥିଲେ। ସେଠାରେ ମେକାନିକ ଗାଡି ଚେକ୍ କରି ଟାଙ୍କିରେ ପାଣି ଥିବା କହି ପ୍ରାୟ ୨ ଲିଟର ପାଣି ବାହାର କରିଥିଲେ। ନାଗେଶ୍ୱର ବାହାର କରିଥିବା ପାଣି ମିଶା ପେଟ୍ରୋଲକୁ ଦୁଇଟି ବୋତଲରେ ଭର୍ତ୍ତି କରି ପମ୍ପରେ ଯାଇ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସମ୍ପୃକ୍ତ ପେଟ୍ରୋଲ ପମ୍ପର ମାଲିକ ବିଶ୍ୱ ରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ, ପେଟ୍ରୋଲରୁ ପାଣି ବାହାରିବା ସମ୍ପୂର୍ଣ୍ଣ ମିଛ ବୋଲି କହି ଏହାକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଆମକୁ ବଦନାମ କରିବାକୁ ଏପରି ଅଭିଯୋଗ କରାଯାଉଛି। ପ୍ରତିଦିନ ସକାଳୁ ମୁଁ ଆମ ଟାଙ୍କିର ପୋଟ୍ରୋଲର ମାନ ପରୀକ୍ଷା କରିଥାଏ। ପରେ ତାହାକୁ ଗ୍ରାହକମାନଙ୍କୁ ପ୍ରଦାନ କରାଯାଇଥାଏ ବୋଲି ପଟ୍ଟନାୟକ କହିଛନ୍ତି।

# ବଜାରରେ ବିକ୍ରିହେଉଛି ଜଙ୍ଗଲୀ ଛତୁ

ବୈପାରିଗୁଡା, ୧୯।୫ (କଳ୍ପତରୁ ମହାନ୍ତି)

ଗତ କିଛିଦିନ ହେଲା ବର୍ଷା ହେବା ପରେ ସ୍ଥାନୀୟ ଦୈନିକ ବଜାରରେ ପନିପରିବା ସହ ଏକ ପ୍ରକାରର ବଣଛତୁ ଦେଖିବାକୁ ମିଳୁଛି। ଏହି ଛତୁକୁ ସ୍ଥାନୀୟ ଭାଷାରେ ଜାମ୍ବ ଛତୁ କୁହାଯାଏ। ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ବୋଲି ସ୍ଥାନୀୟ ଅଞ୍ଚଳର ଆଦିବାସୀମାନେ କହନ୍ତି। ଫଳରେ ଏହି ଛତୁର ଚାହିଦା ରହିଛି। ବଜାରରେ ଏହି ଛତୁ କିଲୋ ପ୍ରତି ଶହେ ଟଙ୍କା ଦରରେ ବିକ୍ରି ହେଉଛି । ତେବେ ଏହା ସ୍ୱାସ୍ଥ୍ୟ ପ୍ରତି ଭଲ ନୁହେଁ ବୋଲି କୁହାଯାଉଛି। କେତେକ ସ୍ଥଳରେ ଏହା ବିଷାକ୍ତ ମଧ୍ୟ ହୋଇ ଜୀବନ ନେଇପାରେ। ଏହି ଛତୁ ନ ଖାଇବା ଲାଗି ସ୍ୱାସ୍ଥ୍ୟ ବିଭାଗ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଚିତ ବୋଲି ମତ ପ୍ରକାଶ ପାଉଛି।


ବଜାରରେ ପନିପରିବା ସହ ବିକ୍ରି ହେଉଥିବା ଜଙ୍ଗଲୀ ଛତୁ।

# ଟ୍ରେନ ଧକ୍କାରେ ୩ ଗୋରୁ ମୃତ

ସୁନାବେଡା, ୧୯।୫(କୃତ୍ତିବାସ ପ୍ରଧାନ)

କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ଅଧୀନ ଚେରେଙ୍ଗାଗୁଡା ଗ୍ରାମ ନିକଟରେ ରବିବାର ସନ୍ଧ୍ୟାରେ ଟ୍ରେନରେ କଟି ୩ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋରୁଗୁଡ଼ିକ ଟ୍ରେନ ଲାଇନ ପାର ହେଉଥିବା ସମୟରେ ଏପରି ଦୁର୍ଘଟଣା ଘଟିଛି। ଖବରରୁ ଜଣାପଡିଛି, ଜଗଦଲପୁରରୁ ରାଉରକେଲା ଅଭିମୁଖେ ଯାଉଥିବା ୧୮୧୦୮ ନମ୍ବର ଟ୍ରେନ ପ୍ରାୟ ସନ୍ଧ୍ୟା ସାଢେ ୬ଟା ବେଳେ କୋରାପୁଟ ଷ୍ଟେସନରୁ ବାହାରି ଦାମନଯୋଡ଼ି ଷ୍ଟେସନ ଅଭିମୁଖେ ଯାଉଥିଲା। ତେବେ ଚେରେଙ୍ଗାଗୁଡ଼ା ଗ୍ରାମ ନିକଟରେ ଟ୍ରେନଲାଇନ ପାର ହେଉଥିବା ୩ଟି ଗୋରୁ ଉପରେ ମାଡି ଯାଇଥିଲା । ଫଳରେ ଘଟଣା ସ୍ଥଳରେ ୩ ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଏହି ଗୋରୁଗୁଡ଼ିକ ଗ୍ରାମର ଜଗନ୍ନାଥ ଜାନି, ରବି ହିଆଲ ଓ ଧନୁର୍ଜୟ କିର୍ଷାନିଙ୍କ ଗୋଟିଏ ଲେଖାଏ ଗୋରୁ ରହିଥିବା ଜଣାପଡ଼ିଛି। ଘଟଣା ପରେ ଭାରତମାଳା ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଏ ସମ୍ପର୍କରେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ କେତେ ଜଣ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଘଟଣା ସ୍ଥଳରେ ଟ୍ରେନଟି କିଛି ସମୟ ଅଟକି ପୁଣି ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲା।

# କଞ୍ଚାକାଜୁ ଆଦିବାସୀଙ୍କୁ ଯୋଗାଉଛି ଜୀବିକା

କୋରାପୁଟ, ୧୯।୫(ଅମିତାଭ ବେହେରା)

କୋରାପୁଟ ଭଳି ଆଦିବାସୀ ଅଧୁଷିତ ଅଞ୍ଚଳରେ ଏବେ କଞ୍ଚାକାଜୁ ଆଦିବାସୀଙ୍କୁ ଜିବିକା ଯୋଗାଉଛି। ବର୍ଷର ମାର୍ଚ୍ଚରୁ ଜୁନ ମାସ ଯାଏ ସ୍ଥାନୀୟ ଆଦିବାସୀମାନେ କୋରାପୁଟ ସମେତ ଆଖ ପାଖ ଜଙ୍ଗଲରୁ କାଜୁ ସଂଗ୍ରହ କରି କୋରାପୁଟ ସହର ଏବଂ ଆଖପାଖ ଜନବସତିରେ ବିକ୍ରି କରି ଅର୍ଥ ରୋଜଗାର କରିଥାନ୍ତି। ପ୍ରଥମେ ସେମାନେ ଜଙ୍ଗଲରେ ଉପଯୁକ୍ତ ମଞ୍ଜି ଥିବା କାଜୁ ଚିହ୍ନଟ କରି ତାକୁ ସଂଗ୍ରହ କରିଥାନ୍ତି। ପରେ ତାର ଚୋପା ଛଡ଼ାଇ ତାକୁ ବିକ୍ରି କରିଥାନ୍ତି। ତେବେ ଗ୍ଲାସ ପିଛା ୨୦ ଟଙ୍କା ଓ କିଲୋକୁ ୪୦୦ ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳିଥାଏ। କଞ୍ଚା କାଜୁର ଚାହିଦା ମଧ୍ୟ କୋରାପୁଟ ଜିଲାରେ ଅଧିକ ରହିଛି। କଞ୍ଚା କାଜୁରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ଯଥା କଞ୍ଚାକାଜୁ ତରକାରୀ, କାଜୁ ଭଜା, କାଜୁ ଚଟଣି, କାଜୁ ଚିଙ୍ଗୁଡି ଆଦି ପ୍ରସ୍ତୁତ ହୋଇଥାଏ। ଏନେଇ କୋରାପୁଟ ସହରରେ ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ନିକଟସ୍ଥ ହାଡିଆ ଗ୍ରାମରୁ ଆସି କଞ୍ଚାକାଜୁ ବିକ୍ରି କରୁଥିବା ଆଦିବାସୀ ମହିଳା ଗୌରୀ ମଣି କହିଛନ୍ତି ଆମେ ଖରା ତରାରେ ବୁଲି ଜଙ୍ଗଲରୁ ଏହାକୁ ସଂଗ୍ରହ କରିବାକୁ ପଡୁଛି। କାଜୁ ମଞ୍ଜିକୁ ସଂଗ୍ରହ କରିବା ଅତି କଷ୍ଟକର। ବଡଦାନା ଥିବା କାଜୁ ସଂଗ୍ରହ କରି ରାତିରେ ତାର ଚୋପା ଛଡାଇ ଦୁଇ ଫାଳ କରି ପାଣିରେ ବତୁରାଇ ରଖୁ। ବଜାରରେ କଞ୍ଚାକାଜୁର ଚାହିଦା ରହିଛି ବୋଲି ଗୌରୀ କହିଛନ୍ତି। ସେହିପରି ହାଡିଆ ଗ୍ରାମରୁ କୋରାପୁଟ ସହରକୁ ଆସି କଞ୍ଚାକାଜୁ ବ୍ୟବସାୟ କରୁଥିବା ପରକୁ ଲୋକମାରି କହନ୍ତି, ଜଙ୍ଗଲ ପାହାଡ ଚଢି ଜଙ୍ଗଲରୁ କାଜୁ ମଞ୍ଜି ସଂଗ୍ରହ କରିବା ବହୁତ କଷ୍ଟ। ବେଳେ ବେଳେ ତଳେ ପଡିଯିବାର ଭୟ ମଧ୍ୟ ଥାଏ ବୋଲି ସେ କହନ୍ତି।


କଞ୍ଚା କାଜୁ ଦେଖାଉଛନ୍ତି ଜଣେ ଆଦିବାସୀ ମହିଳା।

# ବଜାର ସୁବିଧା ନାହିଁ, କ୍ଷତିରେ ଲିଚୁଚାଷୀ

ରାୟଗଡ଼ା, ୧୯।୫(ଆଶିଷ ରଞ୍ଜନ ପଣ୍ଡା)

ଲାଭ ନ ଥିବାରୁ ଚାଷ ପ୍ରତି ମୁହଁ ଫେରାଉଛନ୍ତି ଚାଷୀ

ଆମ୍ବ, ପଣସ ଓ ସୀତାଫଳ (ଆତ) ଭଳି ରାୟଗଡ଼ା ଜିଲାର ଲିଚୁ ଫଳର ରହିଛି ସ୍ୱତନ୍ତ୍ର ପରିଚୟ। ଉତ୍ତମ ଜଳବାୟୁ ପାଇଁ ଜିଲାର କାଶୀପୁର ବ୍ଲକରେ ଚାଷୀମାନେ ବହୁଳ ଭାବେ ଲିଚୁ ଚାଷ କରିଥାନ୍ତି। ହେଲେ ବିକ୍ରି ପାଇଁ ବଜାର ସୁବିଧା ନ ଥିବା ହେତୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେବା ସହ ଉପଯୁକ୍ତ ମୂଲ୍ୟ ନ ପାଇ ଆର୍ଥିକ କ୍ଷତି ସହୁଥିବା ଅଭିଯୋଗ ହେଉଛି।

କାଶୀପୁର ବ୍ଲକର ସମସ୍ତ ୨୪ଟି ପଞ୍ଚାୟତରେ ଲିଚୁ ଚାଷ କରାଯାଉଛି। ସେ ଭିତରେ କୁମ୍ଭାରଶିଳା, ତଳଝିରି, ପୁକିମସ୍କା, ଚାନ୍ଦଗିରି, ରେଙ୍ଗା, ବାଲିଗୁଡ଼ା, ଗୋରଖପୁର, ରାଉତଘାଟି, ରତୁଗୁଡା, ଖୁରିଗାଁ ଇତ୍ୟାଦି ଗ୍ରାମରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଲିଚୁ ଗଛ ରହିଛି। ତେବେ ଅଞ୍ଚଳରେ ବଜାର ସୁବିଧା ନ ଥିବାରୁ ଚାଷୀ କିଲୋ ପିଛା ମାତ୍ର ୫୦ରୁ ୭୦ ଟଙ୍କାରେ ବ୍ୟବସାୟୀଙ୍କୁ ବିକ୍ରି କରିବାକୁ ବାଧ ହେଉଛନ୍ତି। ସେହି ଲିଚୁକୁ ବ୍ୟବସାୟୀମାନେ କମ୍ ଦରରେ କିଣି ଗୁଣପୁର, ରାଗଡ଼ା ସହର ସହ ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭକରି କଟକ, ପୁରୀ, ବାଲେଶ୍ୱର ଏବଂ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ, କେରଳ, ଦିଲ୍ଲୀକୁ ପଠାଯାଉଛି। ବାହାର ରାଜ୍ୟରେ ଏହାର କିଲୋ ୩୦୦ ଟଙ୍କାରୁ ଅଧିକ ଦରରେ ବିକ୍ରି ହେଉଥିବା ଜଣାପଡ଼ିଛି। ବର୍ଷ ବର୍ଷ ଧରି ଚାଷୀ ଲିଚୁ ଚାଷ କରୁଥିଲେ ମଧ୍ୟ ଏଥିପାଇଁ କୌଣସି ସରକାରୀ ସହଯୋଗ ନ ଥିବାରୁ କାଶୀପୁର ବ୍ଲକରେ ଧୀରେ ଧୀରେ ଲିଚୁଚାଷ କମିବାରେ ଲାଗିଲାଣି। ଜିଲାରେ ବିଭିନ୍ନ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ଲାଗି ଓର୍‌ମାସ ଥିଲେ ମଧ୍ୟ ଲିଚୁ ବିକ୍ରି ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଉଦ୍ୟାନ ବିଭାଗ ତାଲିକାରେ ଲିଚୁ ନ ଥିବାରୁ ବିଭାଗ ପକ୍ଷରୁ ଚାଷୀଙ୍କୁ ସେଭଳି କୌଣସି ପ୍ରୋତ୍ସାହନ ଦିଆଯାଉ ନାହିଁ । ପ୍ରତିବର୍ଷ ମେ ପ୍ରଥମ ସପ୍ତାହରୁ ଜୁନ୍ ତୃତୀୟ ସପ୍ତାହ ପର୍ଯ୍ୟନ୍ତ ଲିଚୁ ଉତ୍ପାଦନ ହୋଇଥାଏ । ଏଠାରୁ ପ୍ରଚୁର ପରିମାଣରେ ଲିଚୁ ଉତ୍ପାଦନ ହେଉଥିଲେ ମଧ୍ୟ ସରକାରଙ୍କ ନଜର ନାହିଁ। ଫଳରେ ପ୍ରତିବର୍ଷ ଲିଚୁ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଅନ୍ୟପକ୍ଷରେ ଜିଲାରେ ଗୋଟିଏ ହେଲେ ଶୀତଳଭଣ୍ଡାର ନ ଥିବାର ଉନ୍ନତ କିସମର ଲିଚୁ ସଂରକ୍ଷଣ କରାଯାଇପାରୁନାହିଁ। ଗଛରୁ ତୋଳିବା ମାତ୍ରେ ଚାଷୀଙ୍କୁ ବିକ୍ରି କରିବାକୁ ଚାଷୀ ବାଧ ହେଉଛନ୍ତି। ତେବେ କାଶୀପୁରଠାରେ ଏକ ଲିଚୁ ପ୍ରକ୍ରିୟାକରଣ କାରଖାନା କରାଗଲେ ଅଭାବୀ ବିକ୍ରି ସମସ୍ୟାରୁ ଚାଷୀ ମୁକ୍ତି ପାଇପାରିବେ। ତା'ସହ ଆର୍ଥିକ କ୍ଷେତ୍ରରେ ଚାଷୀମାନେ ଅଧିକ ସ୍ୱାବଲମ୍ବୀ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏନେଇ ଓର୍‌ମାସ ଡେପୁଟି ସିଇଓ ମନୋଜ ପାତ୍ରଙ୍କୁ ପଚାରିବାରୁ କୋଭିଡ୍ ସମୟରେ କାଶୀପୁର ବ୍ଲକର ଗୋରଖପୁର ଅଞ୍ଚଳରୁ ଲିଚୁ ଆଣି ବାହାରକୁ ରପ୍ତାନି କରିଥିଲୁ । ତେବେ ସେଠାକାର ଲିଚୁ ଖଟା ରହୁଥିବାରୁ ବଜାରରେ ଏହାର ଚାହିଦା ନାହିଁ। ଅଞ୍ଚଳର ପାଣିପାଗ ଠିକ୍‌ଭାବେ ସୁହାଉ ନ ଥିବାରୁ ଲିଚୁ ଖଟା ରହୁଥିବା କହିଛନ୍ତି ମନୋଜ। ଯଦିଓ ସେଠାକାର ଚାଷୀ ଲିଚୁ ଚାଷ କରୁଛନ୍ତି, ଉଦ୍ୟାନ ବିଭାଗ କିଛି ବ୍ୟବସ୍ଥା କଲେ ଏହି ଲିଚୁ ମିଠା ଫଳିବା ସହ ଏହାର ବିକ୍ରି ବ୍ୟବସ୍ଥା ଓର୍‌ମାସ ଦ୍ୱାରା କରାଯାଇପାରିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଯଦି କୌଣସି ଚାଷୀ ଓର୍‌ମାସ ସହଯୋଗରେ ଲିଚୁ ବିକ୍ରି କରିବାକୁ ଚାହାନ୍ତି ତେବେ ବିଭାଗ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି କହିଛନ୍ତି।


କାଶୀପୁର ଅଞ୍ଚଳରେ ଥିବା ଲିଚୁ ବଗିଚା।

